






# ବିଶ୍ୱର ସବୁଠାରୁ ଦାମୀ ଚା ପାତ୍ର, ଲାଗିଛି ୧୬୦୦ ହୀରା

ଆପଣ ତ ଘରେ ଅନେକ ସମୟରେ ଚା ପିଉଥିବେ । କେବଳ ଆପଣ ନୁହଁନ୍ତି ବରଂ ଭାରତର ସବୁଠାରୁ ଅଧିକ ଲୋକ ପାନୀୟ ଭାବେ ଚା ପିଇଥାନ୍ତି । ଅଧିକାଂଶ ଲୋକ ଚା ’ପିଇବା ସହିତ ସକାଳ ଆରମ୍ଭ କରନ୍ତି । ଦେଶରେ ବିଭିନ୍ନ ଢଙ୍ଗରେ ଚା ପ୍ରସ୍ତୁତ କରାଯାଏ । ଯେମିତିକି ମସାଲା ଚା, ଗୁଜୁରାତି ଚା, ଅଦା ଚା କୁ ଅଧିକାଂଶ ଲୋକ ପସନ୍ଦ କରୁଥିବାବେଳେ ଅତିଥିମାନଙ୍କୁ ଚା ’ଦେବାବେଳେ ପ୍ରାୟ ଲୋକ ଚା କପ ସହ ଚାମଚ ଏବଂ ପ୍ଲେଟ ବ୍ୟବହାର କରିଥାନ୍ତି । ତେବେ ଆମେ ଯଦି ଆପଣଙ୍କୁ କହିବୁ ବିଶ୍ୱର ସବୁଠାରୁ ଦାମୀ ଚା ପାତ୍ର ବାବଦରେ ଆପଣ ଜାଣିଛନ୍ତି କି ? ତେବେ ଆପଣ ବୋଧେ ଜାଣିନଥିବେ । ଆଜି ଆମେ ଆପଣଙ୍କୁ ବିଶ୍ୱର ସବୁଠାରୁ ଦାମୀ ଚା ପାତ୍ର ବାବଦରେ କହିବୁ, ଯାହାର ମୂଲ୍ୟ ଶୁଣିବା ପରେ ଆପଣଙ୍କ ହୋସ ଉଡିଯିବ । ଗିନିଜ ୱାର୍ଲ୍ଡ ରେକର୍ଡ ଇନଷ୍ଟାଗ୍ରାମରେ ଦୁନିଆର ସବୁଠୁ ଦାମୀ ଚା ପାତ୍ରର ଫଟୋ ସେୟାର କରିଛି । ଏହି ଚା ପାତ୍ରର ମୂଲ୍ୟ ପ୍ରାୟ ୩ ମିଲିୟନ ଡଲାର ହୋଇଥିବାବେଳେ ଏହାକୁ ଇଟାଲୀର ଜଣେ ଅଳଙ୍କାର ନିର୍ମାତା ଫୁଲ୍ଫିଓ ସ୍କୋବିଆ ତିଆରି କରିଥିଲେ । ତେବେ ଆପଣ ପଚାରିବେ ଏହାର ମୂଲ୍ୟ ଏତେ ଅଧିକ କାହିଁକି ? ବାସ୍ତବରେ ଏହି ଚା ପାତ୍ରରେ ସୁନା ଓ ରୂପା ବ୍ୟବହୃତ ହୋଇଥିବାବେଳେ ଏଥିରେ ୧୬୫୮ଟି ହୀରା ଲାଗିଛି । ଏହାର ହ୍ୟାଣ୍ଡେଲ ପାଇଁ ହାତୀ ଦାନ୍ତ ବ୍ୟବହାର କରାଯାଇଥିବାବେଳେ ଚା ପାତ୍ରର ଢାଙ୍କୁଣୀରେ ଥାଇଲାଣ୍ଡର ୩୮୬ଟି ରୁବି ରତ୍ନ ଲାଗିଛି । ସୁନା, ରୂପା, ହୀରା, ରୁବି ଏବଂ ହାତୀ ଦାନ୍ତରେ ନିର୍ମିତ ଏହି ସୁନ୍ଦର ଚା ପାତ୍ର ଦର୍ଶକଙ୍କୁ ସ୍ତବ୍ଧ କରିଦିଏ । ଏହି ଦାମୀ ଚା ପାତ୍ରକୁ ସେପଟ୍ମ୍ବର ୬, ୨୦୧୬ରେ ଗିନିଜ୍ ୱାର୍ଲ୍ଡ ରେକର୍ଡ ସବୁଠାରୁ ମହଙ୍ଗା ଚା’ ପାତ୍ର ଭାବରେ ମାନ୍ୟତା ଦେଇଛି । ଗିନିଜ ୱାର୍ଲ୍ଡ ରେକର୍ଡ ଅନୁଯାୟୀ ଏହି ଚା ପାତ୍ରର ମାଲିକାନା ଏନ ସେଟିଆ ଫାଉଣ୍ଡେସନ ପାଖରେ ଥିବାବେଳେ ଏହି ଫାଉଣ୍ଡେସନ ହେଉଛି ଏକ ଦାନକାରୀ ସଂସ୍ଥା ଯାହାକି ଲଣ୍ଡନରେ ଶିକ୍ଷା, ଆଧ୍ୟାତ୍ମିକ କାର୍ଯ୍ୟକଳାପ ଏବଂ ଚିକିତ୍ସା ଅନୁସନ୍ଧାନରେ ନିୟୋଜିତ ରହିଛି । ଦାନକାରୀ ସଂସ୍ଥାର ପ୍ରତିଷ୍ଠାତା ତଥା ନ୍ୟୁବି ଚା’ର ଅଧକ୍ଷ ନିର୍ମଳ ସେଟିଆ ଚା’କୁ ସମ୍ମାନ ଦେବା ପାଇଁ ଏକ ଅମୂଲ୍ୟ ଚା ପାତ୍ର ତିଆରି କରିବାକୁ ଚାହୁଁଥିଲେ ଏବଂ ଏହାର ନିର୍ମାଣ କରାଇଥିଲେ ।





# ଅଭିନେତ୍ରୀ ମାହିରା ଖାନ

ପାକିସ୍ତାନୀ ଅଭିନେତ୍ରୀ ମାହିରା ଖାନ । ଯିଏ ପାକିସ୍ତାନୀ ଇଣ୍ଡଷ୍ଟ୍ରିର ଏକ ଅବିଶ୍ୱସନୀୟ ଏବଂ ପ୍ରତୀକାତ୍ମକ ବ୍ୟକ୍ତିତ୍ୱ । ଲଲିଉଡର ଅନ୍ୟତମ ସୁନ୍ଦର ତଥା ପ୍ରତିଭାବାନ ସେଲିବ୍ରିଟି ଅଟନ୍ତି । ମାହିରା ଖାନ ହେଉଛନ୍ତି ଏକମାତ୍ର ଅଭିନେତ୍ରୀ ଯିଏକି ବଲିଉଡ ତାରକା ଶାହାରୁଖ ଖାନଙ୍କ ସହ ପାକିସ୍ତାନୀ ଅଭିନେତ୍ରୀ ଭାବରେ କାମ କରିଛନ୍ତି । ଏହି ତାରକା ପାକିସ୍ତାନୀ ମନୋରଞ୍ଜନ ଇଣ୍ଡଷ୍ଟ୍ରିରେ ଏକ ଚମତ୍କାର କ୍ୟାରିୟର କରିଛନ୍ତି । ମାହିରା କେବଳ ଜଣେ ଦକ୍ଷ ଅଭିନେତ୍ରୀ ନୁହଁନ୍ତି; ସେ ଜଣେ ସଫଳ ଉଦ୍ୟୋଗୀ । ଯିଏ ଏକ ଫ୍ୟାଶନ୍ ପୋର୍ଟାଲ୍, ପୋଷାକ ବ୍ରାଣ୍ଡ ଏବଂ ଏକ ପ୍ରଡକ୍ସନ୍ ହାଉସ୍ ଚଳାନ୍ତି । ଏହି ଅଭିନେତ୍ରୀ ଆଜଲାନଙ୍କ ପୁଅ ପାଇଁ ଏକମାତ୍ର ପିତାମାତା ଅଟନ୍ତି । ବର୍ତମାନ ପାକିସ୍ତାନୀ ଗଣମାଧ୍ୟମରେ ପ୍ରକାଶିତ କିଛି ରିପୋର୍ଟ ଅନୁଯାୟୀ, ୩୮ ବର୍ଷୀୟା ଅଭିନେତ୍ରୀ ପୁଣିଥରେ ପ୍ରେମରେ ପଡିଛନ୍ତି । ଆସନ୍ତା ମାସରେ ବିବାହ ବନ୍ଧନରେ ବାନ୍ଧି ହେବାକୁ ଯାଉଛନ୍ତି । କେବଳ ଘନିଷ୍ଠ ପରିବାର ଏବଂ ସାଙ୍ଗମାନେ ଉପସ୍ଥିତ ରହିବେ । ଏହି ସମୟରେ ମେଗା ଲାଇଫ ଷ୍ଟାଇଲ ଟିଭିରେ ପ୍ରକାଶିତ ଏକ ରିପୋର୍ଟରେ କୁହାଯାଇଛି ଯେ ପାକିସ୍ତାନର ପଞ୍ଜାବ ଅଂଚଳର ଏକ ହିଲ୍ ଷ୍ଟେସନରେ ଏହି ସମାରୋହ ଅନୁଷ୍ଠିତ ହେବ । ତାଙ୍କ ପ୍ରଥମ ବିବାହ ୨୦୦୭ରେ ହୋଇଥିଲା ୨୦୧୫ରେ ଦୁହେଁ ଅଲଗା ହୋଇଯାଇଥିଲେ । ବର୍ତମାନ ସେ ଦୀର୍ଘ ସମୟ ଧରି ସଲିମ୍ କରିମ୍ ସହିତ ରିଲେଶନସିପ୍‌ରେ ଅଛନ୍ତି । ପ୍ରଶଂସକମାନେ ଆଶ୍ଚର୍ଯ୍ୟ ହୋଇଯାଇଛନ୍ତି କି ୩୮ ବର୍ଷରେ ଅଭିନେତ୍ରୀ ପୁଣି ବିବାହ କରିବାକୁ ଯାଉଛନ୍ତି ।



# ନିର୍ଦ୍ଦେଶନା ଦେବେ ଦିଶା ପଟାନୀ

ବଲିଉଡ୍‌ର ବୋଲ୍ଡ ଅଭିନେତ୍ରୀ ଦିଶା ପଟାନି । ବର୍ତମାନ ତାଙ୍କର ମ୍ୟୁଜିକ୍ ଭିଡିଓ ‘କ୍ୟୁଁ କରୁ ଫିକର’ରେ ଆସିବେ ନଜର । ଏହା ଜରିଆରେ ସେ ନିର୍ଦ୍ଦେଶନା କ୍ଷେତ୍ରରେ ଏଂଟ୍ରି କରିବାକୁ ଯାଉଛନ୍ତି । ସୋସିଆଲ ମିଡିଆରେ ମ୍ୟୁଜିକ୍ ଭିଡିଓର ପୋଷ୍ଟର ସେୟାର କରି ଫ୍ୟାନ୍ସଙ୍କୁ ଏହି ସୂଚନା ଦେଇଛନ୍ତି । ପୋଷ୍ଟରରେ ଦିଶା ବିନ୍ଦାସ୍ ଲୁକ୍‌ରେ ଦେଖିବାକୁ ମିଳିଛନ୍ତି । ‘ହୁଇ ମଲଙ୍ଗ’ଠୁ ଆରମ୍ଭ କରି ‘ସ୍ଲୋ ମୋସନ୍’ ଓ ‘ଡୁ ୟୁ ଲଭ୍ ମି’ ଭଳି ନିଜ ଗୀତରେ ଦମ୍‌ଦାର ଡ୍ୟାନ୍ସ କରି ଲୋକଙ୍କ ହୃଦୟରେ ସ୍ଥାନ ସୃଷ୍ଟି କରିଛନ୍ତି । ହେଲେ ଏଥର ଏହି ମ୍ୟୁଜିକ୍ ଭିଡିଓରେ ତାଙ୍କର ଭିନ୍ନ ଲୁକ୍ ଦେଖିବାକୁ ପାଇବେ ଦର୍ଶକ । ଦିଶାଙ୍କ ଅପ୍‌କମିଙ୍ଗ ଫିଲ୍ମ ଅଛି ‘ଯୋଦ୍ଧା’ । ଏଥିରେ ସେ ସିଦ୍ଧାର୍ଥ ମଲହୋତ୍ରାଙ୍କ ଅପୋଜିଟ୍‌ରେ ନଜର ଆସିବେ । ୨୦୧୫ ମସିହାରେ ତେଲୁଗୁ ଫିଲ୍ମ ‘ଲୋଫର’ ଜରିଆରେ ସେ ଅଭିନୟ କ୍ୟାରିଅର ଆରମ୍ଭ କରିଥିଲେ । ସୁଶାନ୍ତ ସିଂହ ରାଜପୁତଙ୍କ ଫିଲ୍ମ ‘ଏମ୍.ଏସ୍. ଧୋନି: ଦ ଅନ୍‌ଟୋଲ୍ଡ

# କୋଡ଼ିଏ ହାତିଆ ସାମୁଦ୍ରିକ ଜୀବ

ରାମାୟଣରେ ରାବଣର କୋଡ଼ିଏଟି ହାତ ଥିଲା ବୋଲି ସେ ବିଂଶବାହୁ ନାମରେ ମଧ ପରିଚିତ । ନିକଟରେ ଆମେରିକାର ସାନ୍ ଡିଏଗୋ ସ୍ଥିତ କାଲିଫର୍ଣ୍ଣିଆ ବିଶ୍ୱବିଦ୍ୟାଳୟର ଗବେଷକମାନେ ଆଂଟାର୍କଟିକା ମହାସାଗରରେ ସେଭଳି ଏକ ବିଂଶବାହୁକୁ ଠାବ କରିଛନ୍ତି । ଅବଶ୍ୟ ଏହି ସାମୁଦ୍ରିକ ଜୀବଟିର ମଣିଷ ପରି ପାପୁଲି ଓ ଆଙ୍ଗୁଠିଯୁକ୍ତ ହାତ ନାହିଁ । ତାହାର ବାହୁଗୁଡ଼ିକ ଅକ୍ଟୋପସର ବାହୁ ସଦୃଶ; କିନ୍ତୁ ତା’ର ଆଠଟି ବଦଳରେ ଦଶଯୋଡ଼ା ଗଣ୍ଠିଯୁକ୍ତ ବାହୁ ରହିଛି । ପ୍ରଥମ ନଜରରେ ଏହା ପୃଥିବୀ ବାହାରର ଜୀବ ବା ଏଲିଏନ୍ ପରି ଜଣାପଡ଼ିଥାଏ । ଟିକେ ନିରେଖି ଦେଖିଲେ ତାହାର ମୁଣ୍ଡ ପାଖଟି ଠିକ୍ ଷ୍ଟ୍ରବେରି ପରି ଦେଖାଯାଇଥାଏ । ଉକ୍ତ ଅମେରୁଦଣ୍ଡୀ ପ୍ରାଣୀଟିର ବୈଜ୍ଞାନିକ ନାମ ‘ପ୍ରୋମାକୋକ୍ରିନସ୍ ଫ୍ରାଗାରିସ୍’ ରଖାଯାଇଛି । ଲାଟିନ୍ ଶବ୍ଦ ଫ୍ରାଗାରିଅସ୍‌ରୁ ଆସିଥିବା ‘ଫ୍ରାଗମ୍’ର ଅର୍ଥ ଷ୍ଟ୍ରବେରି, ତେଣୁ ତାହାର ନାମକରଣ ଏପରି ହୋଇଛି । ସମୁଦ୍ର ପତନର ୨୧୫ ଫୁଟରୁ ୩,୮୪୦ ଫୁଟ ଗଭୀରତାରୁ ଏହା ଆବିଷ୍କୃତ ହୋଇଛି । ‘ଫିଦର ଷ୍ଟାର’ ନାମକ ସାମୁଦ୍ରିକ ଜୀବ ପରି ଏହା ଦେହରେ ସୂକ୍ଷ୍ମ ପରଯୁକ୍ତ ଅଙ୍ଗମାନ ଅଛି ଯାହା ତାକୁ ପହଁରିବାରେ ସାହାଯ୍ୟ କରିଥାଏ । ତେଣୁ ତାହାକୁ ପ୍ରାଣୀବିଜ୍ଞାନୀମାନେ ‘ଆଂଟାର୍କଟିକ୍ ଷ୍ଟ୍ରବେରି ଫିଦର ଷ୍ଟାର’ ନାମରେ ନାମିତ କରିଛନ୍ତି ।



# ଘରୁ ଗନ୍ଧ ବାହରିଲେ କ’ଣ କରିବେ...



ବର୍ଷାଦିନେ ପ୍ରାୟ ଲୋକଙ୍କ ଘରୁ ଭିନ୍ନ ଭିନ୍ନ ଗନ୍ଧ ବାହାରିଥାଏ । ଯାହା ବେଳେ ବେଳେ ମୁଡ୍ ଖରାପ କରି ଦେଇଥାଏ । ଘରୁ ସୁବାସିତ ବାସ୍ନା ବାହାରିବା ଦ୍ୱାରା ମନଖୁସି ହେବା ସହ ଯେକୌଣସି କାମ କରିବା ପାଇଁ ମୁଡ୍ ହୋଇଥାଏ । କେବଳ ଘରକୁ ସଫା ରଖିଲେ ଏହି ସମସ୍ୟା ଦୂର ହୁଏନି । ବରଂ ଘରେ ପବନ ଯା’ଆସ କରିବାକୁ ସ୍କାଏଲାଇଟ୍ ବା ବଡ଼ ଝରକା ରହିଥିବା ଆବଶ୍ୟକ । ସେହିପରି ଘରର ଦୁର୍ଗନ୍ଧ ଦୂର କରିବା ପାଇଁ ଘରର ଭୂଇଁ, ଅଳିଆ ପାତ୍ର, ଫ୍ରିଜ୍ ଓ ମାଇକ୍ରୋୱେଭ୍ ଆଦି ମଧ୍ୟ ସଫା ରଖିବା ଦରକାର । ଏହାବ୍ୟତୀତ ପ୍ରାୟ ସବୁବେଳେ ବନ୍ଦ ରହୁଥିବା ଆଲମିରାକୁ ସଫା ନ କଲେ ମଧ୍ୟ ଗନ୍ଧ ବାହାରିଥାଏ । ଗନ୍ଧକୁ ସ୍ଥାୟୀ ଭାବେ ଦୂର କରିବାକୁ ହେଲେ ମାଇକ୍ରୋୱେଭରର ସହାୟତା ନେଇପାରିବେ ।

– ମାଇକ୍ରୋୱେଭ୍‌ର ବେକିଂ ଟ୍ରେରେ ସାମାନ୍ୟ ଡାଳଚିନି ଗୁଣ୍ଡ ସହ ୨/୩ଟି ଲବଙ୍ଗ ପକାଇ ବେକ୍ କରି ନିଅନ୍ତୁ । ଏବେ ମାଇକ୍ରୋୱେଭ୍‌ର ଡୋର ଖୋଲି ଦିଅନ୍ତୁ । ସମ୍ପୂର୍ଣ୍ଣ ଘର ମସଲା ବାସ୍ନାରେ ମହକି ଉଠିବ ।

– ଘରେ ଯଦି ଫୁଲ ରଖୁଥାନ୍ତି, ତେବେ ତା’ ସହିତ କିଛି ହର୍ବ୍ସ ମଧ୍ୟ ରଖନ୍ତୁ । ଏହା ଘରକୁ ସୁବାଷିତ କରି ରଖିବ । ଏହାଛଡା ଘରର ଝରକା ପାଖରେ ଲେମନ୍ ଗ୍ରାସ୍ ଗଛକୁ ରଖି ଦିଅନ୍ତୁ । ଘର ଭିତରେ ହାଲ୍‌କା ଓ ଧୀମା ଧୀମା ବାସ୍ନା ଅନୁଭବ କରିପାରିବେ ।

– ଯଦି ରୋଷେଇ ଘରୁ କୌଣସି ଗନ୍ଧ ବାହାରୁଥାଏ, ତେବେ ଏହାକୁ ଡିପ୍ କ୍ଲିନ୍ କରି ନିଅନ୍ତୁ । ଗନ୍ଧ କମିଯିବ । ରୋଷେଇ ଘରେ ଥିବା ଏଗ୍‌ଜଷ୍ଟ, ଗ୍ୟାସ୍ ଚିମିନି, ଲାଇଟ୍, ବଲ୍‌ବ ଆଦିରେ ତେଲ ଜମିବା ଯୋଗୁ ସେଥିରୁ ଗନ୍ଧ ବାହାରିଥାଏ । ତେଣୁ ଏହାକୁ ସଫା କରି ନେଲେ ଗନ୍ଧ ଆପେ ଆପେ ଦୂର ହୋଇଯିବ ।

– ଯଦି ଜୋତା ଷ୍ଟାଣ୍ଡ୍‌ରୁ ଗନ୍ଧ ବାହାରୁଥାଏ, ତେବେ ଏଥିରେ ଦୁଇ ଖଣ୍ଡ ସୁବାଷିତ ସାବୁନ ରଖି ଦିଅନ୍ତୁ । ଫଳରେ ଜୋତା ଷ୍ଟାଣ୍ଡ୍‌ର ଗନ୍ଧ କମ୍ ହେବା ସହ ବ୍ୟାକ୍ଟେରିଆ ମଧ୍ୟ କମ୍ ରହିଥାନ୍ତି ।

– ଯଦି ଫ୍ରିଜ୍‌ରୁ ଗନ୍ଧ ବାହାରୁଥାଏ, ତେବେ କଟନ୍ ବଲ୍‌ବରେ ଭାନିଲା ଏସେନ୍ସ ପକାଇ ଏହାକୁ ଥାକରେ ରଖିଦିଅନ୍ତୁ । ଫ୍ରିଜ୍ ଭିତରୁ ବାହାରୁଥିବା ଗନ୍ଧ ଦୂର ହୋଇଯିବ ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ
ସମ୍ପାଦକୀୟ
ଭୁବନେଶ୍ୱର, ୨୦୨୫, ଜୁନ ୮

# ମା'ର ସ୍ନେହ : ନାରୀର ସଂସାର ଅସାର


ଡ଼ଃ ଅରୁନ୍ଧତୀ ଦେବୀ

ପୁରାଣରେ ବର୍ଣ୍ଣିତ ଅଛି- 'ଜଗତ ମାତା ଚ ପ୍ରକୃତିଃ ପୁରୁଷଶ୍ଚ ଜଗତ ପିତା। ଗରିୟସୀ ଜଗତାଂ ମାତା, ମାତା ଶତଗୁଣଂ ପିତା।।' ଅର୍ଥାତ୍ ଜଗତର ଜନୟିତ୍ରୀ ହେଉଛନ୍ତି ମାତା। ଜଗତର ପାଳନ ବା ରକ୍ଷାକର୍ତ୍ତା ହେଉଛନ୍ତି ପୁରୁଷ। ପୁରୁଷ ଜନୟିତ୍ରୀ ବା ଜଗତର ମାତା, ପିତାଙ୍କ ଠାରୁ ଶହେଗୁଣ ଅଧିକ ଶ୍ରେଷ୍ଠ। ନାରୀଙ୍କ ସ୍ଥାନ ସର୍ବଦା ଆଗରେ। ନାରୀକୁ ପ୍ରଥମ ସ୍ଥାନ ଦିଆଯାଇଛି। ସୁତରାଂ ଦେବତା ଓ ମହାପୁରୁଷମାନଙ୍କର ନାମ ସହିତ ସେମାନଙ୍କର ପତ୍ନୀଙ୍କ ନାମ ସଂଯୋଗ କରାଯାଇଛି। ଯଥା ସୀତାରାମ, ରାଧେଶ୍ୟାମ, ଗୌରୀଶଙ୍କର, ଉମାମହେଶ, ଲକ୍ଷ୍ମୀନାରାୟଣ, ସାବିତ୍ରୀସତ୍ୟବାନ, ମାୟାବ୍ରହ୍ମ, ପ୍ରକୃତିପରମେଶ୍ୱର, ଶକ୍ତିଶିବ ଇତ୍ୟାଦି। ପବିତ୍ରତା, ସ୍ନେହ, ବାତ୍ସଲ୍ୟ, ଦୟା, ସେବା, ସହାନୁଭୂତି, ଭକ୍ତିଭାବନା ଆଦି ଗୁଣରେ ପୁରୁଷ ଅପେକ୍ଷା ନାରୀ ହିଁ ଆଗରେ। ସୁତରାଂ ଧାର୍ମିକ ଓ ଆଧ୍ୟାତ୍ମିକ ସମସ୍ତ କାର୍ଯ୍ୟକ୍ରମରେ ନାରୀକୁ ସର୍ବତ୍ର ସ୍ୱାଗତ ଓ ସମ୍ମାନ କରାଯାଏ। ନାରୀକୁ ତା'ର ମହାନୀୟତା ଅନୁଯାୟୀ ପ୍ରତିଷ୍ଠା ମଧ୍ୟ ଦିଆଯାଇଅଛି। ସତ୍ୟଯୁଗରେ ସାବିତ୍ରୀ, ତ୍ରେତୟା ଯୁଗରେ ସୀତା, ଅନୁସୂୟା, ଦ୍ୱାପରରେ କୁନ୍ତୀ, ଦ୍ରୌପଦୀ ଆଦି ନିଜ ନିଜର ପବିତ୍ରତା ଓ ପରାକାଷ୍ଠା ବଳରେ ଯୁଗେ ଯୁଗେ ବନ୍ଦିତ। ଇତିହାସରୁ ଜଣାଯାଏ ଝାନସୀରାଣୀ ଲକ୍ଷ୍ମୀବାଈ, ସରୋଜିନୀ ନାଇଡୁ, ଅରୁଣା ଆସଫ୍ ଅଲ୍ଲୀ, ସୁଚେତା କୃପାଳିନୀ, କମଳା ନେହେରୁ, କସ୍ତୁରବା ଗାନ୍ଧୀ, ମଦରଟେରେସା, ଇନ୍ଦିରାଗାନ୍ଧୀ, ନନ୍ଦିନୀ ଶତପଥୀ ଆଦି ମହୀୟସୀ ମହିଳାମାନେ ନିଜ ନିଜ କ୍ଷେତ୍ରରେ ସେମାନଙ୍କର କାର୍ଯ୍ୟଦକ୍ଷତା ଓ ଅଦମ୍ୟ ଶକ୍ତିର ପରାକାଷ୍ଠା ପ୍ରତିପାଦନ କରି କାଳଜୟୀ ହୋଇପାରିଛନ୍ତି। ନାରୀ ପୁରୁଷଙ୍କଠାରୁ କୌଣସି ଗୁଣରେ କମ ନୁହଁନ୍ତି। ନାରୀ ବିନା ଏ ସୃଷ୍ଟି ସମ୍ଭବ ନୁହେଁ। ନାରୀ ବିନା ସଂସାର କଳ୍ପନା ବୃଥା। ନାରୀ ବିନା ପୁରୁଷ ସମ୍ପୂର୍ଣ୍ଣ ହୋଇପାରେନା। ନର, ନାରୀ ଏକ ରଥର ଦୁଇ ଚକ। ଏକ ଶରୀରର ଦୁଇପାଦ। ଏକ ମୁଖର ଦୁଇ ନେତ୍ର। ଜଣକ ବିନା ଅନ୍ୟଟି ଅସମ୍ପୂର୍ଣ୍ଣ। ତେଣୁ ନାରୀକୁ ପୁରୁଷର ଅର୍ଦ୍ଧାଙ୍ଗିନୀ କୁହାଯାଏ। ଭାରତୀୟ ସଂସ୍କୃତି ଓ ଧର୍ମରେ ନାରୀକୁ ଆବହମାନ କାଳରୁ ପୁରୁଷର ଏକ ଓ ଅବିଚ୍ଛିନ୍ନ ଅଙ୍ଗରୂପେ ସ୍ୱୀକାର କରାଯାଇଛି। ପତ୍ନୀ ବିନା ପତିର କୌଣସି ଧର୍ମକାର୍ଯ୍ୟ, ଯଜ୍ଞାଦି କର୍ମ ସଫଳ ହୁଏନା। ତେଣୁ ତ୍ରେିତ୍ତରୀୟ ପୁରାଣରେ ବର୍ଣ୍ଣିତ ଅଛି - 'ଅଯଜ୍ଞୋ ବା ଏଷ ଯୋଽପତ୍ନୀକଃ।।' ଅର୍ଥାତ୍ ଯିଏ ଅପତ୍ନୀକ, ତାର ଯଜ୍ଞପୂର୍ଣ୍ଣ ହୁଏନା। ପତ୍ନୀ ବିନା ଯଜ୍ଞ ଅସମ୍ଭବ ବା ଅପୂର୍ଣ୍ଣ ରହେ। ନାରୀ ସର୍ବଦା କଲ୍ୟାଣକାରୀ। ସେ ପୂଜ୍ୟା। ଗୃହର ଦୀପ୍ତି। ନାରୀ ଧର୍ମକାର୍ଯ୍ୟର ସହାୟିକା ଅଟନ୍ତି। କୁହାଯାଏ - ଦାରାଧିନ ସ୍ତଥା ସ୍ୱର୍ଗଃ... ଅର୍ଥାତ୍ ସ୍ୱର୍ଗ ସ୍ତ୍ରୀର ଅଧିନ ଅଟେ। ମନୁ ସଂହିତାରେ ବର୍ଣ୍ଣିତ ଅଛି - 'ଯତ୍ର ନାର୍ଯ୍ୟସ୍ତୁ ପୂଜ୍ୟନ୍ତେ ରମନ୍ତେ ତତ୍ର ଦେବତାଃ, ଯତ୍ରୈତାସ୍ତୁ ନ ପୂଜ୍ୟନ୍ତେ ସର୍ବାସ୍ତତ୍ରା ଫଳାଃ କ୍ରିୟାଃ।।' ଯେଉଁ ଗୃହରେ ନାରୀକୁ ସମ୍ମାନ ଦିଆଯାଏ, ସେଠାରେ ଦେବ ବାସ କରନ୍ତି। ଯେଉଁଠାରେ ତା'ର ତିରସ୍କାର ହୁଏ, ସେଠାରେ ସମସ୍ତ କାର୍ଯ୍ୟ ନିଷ୍ଫଳ ହୁଏ।

ଯାହାର ବ୍ୟକ୍ତିତ୍ୱ ନିଷ୍ପେସିତ ହୋଇଯାଏ ସ୍ୱାର୍ଥପର ଏଇ ସମାଜର ନାଲି ଆଖି ନିକଟରେ । ଯିଏ ଚେଷ୍ଟାକରି ମଧ୍ୟ ପାରେନାହିଁ ନିଜର ଆତ୍ମାନୁଭୂତି ବ୍ୟକ୍ତ କରି; ସେ ନାରୀ । ସାରା ଜୀବନ ଯିଏ ଧୂପକାଠିଟିଏ ପରି ତ୍ୟାଗର ସୁଗନ୍ଧିତ ଧୂମ ବିତରଣରେ ସମଗ୍ର ପରିବେଶକୁ ବାସ୍ନାରେ ଭରିଦିଏ । ଆଜି ପରିବର୍ତ୍ତିତ ସମାଜ ଯାହାକୁ କରିଚାଲିଛି ଅବହେଳିତ, ଲାଞ୍ଛିତ, ପଦାକୁ ପାଦ କାଢ଼ିଲେ, ହତ୍ୟା, ଲୁଣ୍ଠନ, ଦୁଷ୍କର୍ମ । ଖବରକାଗଜର ପୃଷ୍ଠା ଲେଉଟେଇଲେ ଯୌତୁକ ଜନିତ ବଧୂ ହତ୍ୟା, କନ୍ୟା ଭ୍ରୂଣ ହତ୍ୟା ଅଥବା ପ୍ରତାରିତ ପ୍ରେମିକର ବିଶ୍ୱାସଘାତକତା । ପୁରୁଷ ପ୍ରାଧାନ୍ୟ ସମାଜ ମାନେନା ତାର ମହାନତା । ସମାଜରେ ନିଜ ସ୍ଥିତିକୁ ସୂଚେଇ ଦେବାକୁ, ନିଜର ସମ୍ମାନଜନକ ସ୍ଥାନଟିଏ ଥିଲା, ଅଛି, ରହିବ ବୋଲି ଜଣାଇବାକୁ ଆଜି ପାଳିତ ହୁଏ ଆନ୍ତର୍ଜାତିକ ମହିଳା ଦିବସ । ଯେଉଁଠାରେ ନାରୀମାନଙ୍କୁ ପୂଜା କରାଯାଏ, ସେଠାରେ ଦେବତାମାନେ ବିଚରଣ କରନ୍ତି । ନାରୀର ଅସମ୍ମାନ ସମଗ୍ର ଧରିତ୍ରୀର ଅସମ୍ମାନ । ନାରୀ ବିନା ସୃଷ୍ଟ ଯେ ଅସମ୍ଭବ । ସ୍ୱାମୀ-ସ୍ତ୍ରୀ, ନାରୀ-ପୁରୁଷ ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ । ଏକ ବିନା ଆରେକ ସ୍ଥିତି ନାହିଁ, ପ୍ରଗତି ଆସିବ କୁଆଡୁ ? ସ୍ୱାମୀ ସାମ୍, ସ୍ତ୍ରୀ ଋକ୍ । ସ୍ୱାମୀ ଆକାଶ, ସ୍ତ୍ରୀ ପୃଥିବୀ । ଏକଥା ଭୁଲିଯାଉଛି ଦ୍ୟୁଏତ ସମାଜ । ନାରୀକୁ କେବଳ ଶଯ୍ୟା ସଙ୍ଗିନୀ, କ୍ରୀଡ଼ାନକ କରି ରଖିବାର ଲାଳସା ତାର ପ୍ରଗତି ପଥରେ ବାଧକ ହେଉଛି । ଏହି ନାରୀ ଦୁର୍ବଳା ନୁହେଁ । କନ୍ୟା, ଭଗିନୀ, ଜାୟା, ଜନନୀ ଭୂମିକାରେ ସେ ଯେତିକି ମହନୀୟା ମାହେଶ୍ୱରୀ ସାଜିପାରେ; ଅନ୍ୟାୟ, ଅନୀତି ଓ ଭ୍ରଷ୍ଟାଚାର ବିରୁଦ୍ଧରେ ମଧ୍ୟ ସେତିକି ଦୁର୍ଦ୍ଦମନୀୟ ମହାକାଳି, ମହିଷାମର୍ଦ୍ଦିନୀଙ୍କର ବିଷମୟ ରୂପ ଧାରଣ କରିପାରେ ।

ଆଜିର ମହିଳା ଦିବସ ପ୍ରସଙ୍ଗରେ ମନେପଡ଼ିଯାଉଛି ପୁରାଣର ଏକ ସ୍ମରଣୀୟ ଘଟଣାଟି। ମାଆ ତା ସନ୍ତାନଟି ପାଇଁ କେତେ ତ୍ୟାଗ ଓ ତୀତିକ୍ଷା କରିପାରେ ଏହା ହିଁ ଏହି ଆଲୋଚନାର ଉପଲକ୍ଷ। ଦିନେ ଆଶ୍ରମରେ ଶିଷ୍ୟମାନଙ୍କୁ ଗୁରୁ ବୁଝାଉଥିଲେ ପିତା-ମାତାଙ୍କ ମହାନତା କେତେ। ସନ୍ତାନ ପ୍ରତି ମା'ର ନିଃସର୍ତ୍ତ ପ୍ରେମ ଅନ୍ୟ କେଉଁଠି ଦେଖିବାକୁ ମିଳେନା। ଶିଷ୍ୟଗଣଙ୍କ ଉତ୍ସୁକ ନୟନକୁ ଦେଖି ଏହି ଅବସରରେ ଗୁରୁ ଏକ ସତ୍ୟ ଘଟଣାର ଅବତାରଣା କରିବାକୁ ଯାଇ କହିଚାଲିଲେ ଛୋଟ ସହରରେ ଏକ ଦମ୍ପତି ରହୁଥାନ୍ତି। ସେମାନଙ୍କର ଏକମାତ୍ର ପୁଅଟି ତୃତୀୟ ଶ୍ରେଣୀରେ ପାଠ ପଢୁଥାଏ। ବାପାଙ୍କ ଆକସ୍ମିକ ମୃତ୍ୟୁ ହୋଇଗଲା। ଆର୍ଥିକ ଅବସ୍ଥା ଭଲ ନଥାଏ। ପୁଅର ସ୍କୁଲ ହଷ୍ଟେଲରେ ମା' ରୋଷେଇ କରି କିଛି ରୋଜଗାର କରୁଥିଲେ ଏବଂ ପିଲାଟିକୁ ପାଠ ପଢ଼ାଉଥିଲେ। ପୁଅଟି ଭଲ ପାଠ ପଢୁଥାଏ। ଦିନେ ପୁଅର ଜଣେ ସାଙ୍ଗ ଥଟ୍ଟା କରି କହିଲା ଏଃ, ତୋ ମା କାଣୀ। ଅର୍ଥାତ୍ ମା'ର ଗୋଟିଏ ଆଖି ନାହିଁ। ପୁଅକୁ ଖରାପ ଲାଗିଲା। ଏମିତି ଭିନ୍ନ ଭିନ୍ନ ସମୟରେ ସେ ମନ୍ତବ୍ୟ ଶୁଣିଲା ଯେ ତାର ପରିଚୟ ହେଉଛି କାଣୀ ରୋଷେୟାଙ୍କ ପୁଅ ବୋଲି। ସେ ମନେ ମନେ ସ୍ଥିର କଲା ସହର ଛାଡ଼ି ବହୁ ଦୂରକୁ ଚାଲିଯିବ। ମା'ର ପରିଚୟ ଠାରୁ ଦୂରେଇ ଯିବ। ଭଲ ପାଠ ପଢୁଥିଲା, ବଡ଼ ସହରକୁ ଚାଲିଗଲା। ମା'ପାଖକୁ ଫେରିଲାନି, ଭାବିଲା ମା' ତା ପାଇଁ ଅଭିଶାପ। ପୁଅଠୁ ଅଲଗା ରହିବାର କଷ୍ଟ ସହି ମା' ଗାଁରେ ପଡ଼ି ରହିଲା। ପୁଅ ବଡ଼ ଅଫିସର, ବାହାସାହା ହୋଇ ସହରରେ ରହୁଛି। ଦିନେ ମା'ର ଇଛା ହେଲା ପୁଅ-ବୋହୂ, ନାତି-ନାତୁଣୀଙ୍କୁ ଟିକିଏ ଦେଖନ୍ତା। ପଚାରି ପଚାରି ଗଲା। ପିଲାମାନଙ୍କୁ ଘର ବାହାରେ ଠିଆ ହୋଇ ଦେଖିଲା। କିନ୍ତୁ ପୁଅ ଯେତେବେଳେ ମା'କୁ ଦେଖିଲା ଗାଳି କରି ତଡ଼ିଦେଲା। କହିଲା କାଣୀ ମା'ର ପୁଅ ବୋଲି ମୋତେ ଲାଜ ଲାଗୁଛି। ଏ ଭିତରେ କିଛି ମାସ ଚାଲିଗଲା। କ'ଣ ସରକାରୀ କାମରେ ପୁଅ ସେଇ ଗାଁକୁ ଆସିଥାଏ। କ'ଣ ମନ ହେଲା କେଜାଣି ଭାବିଲା ଜନ୍ମସ୍ଥାନ ଟିକିଏ ଦେଖିଯିବି। ଘରେ ପହଞ୍ଚିଲା ବେଳକୁ ଜାଣିବାକୁ ପାଇଲା ମାସକ ଆଗରୁ ମା' ମରିଯାଇଛି। ପଡ଼ୋଶୀ ମହିଳା ପୁଅ ନାଁରେ ଲେଖାଥିବା ଚିଠିଟିଏ ଆଣି ଦେଲେ। ସେଥିରେ ଲେଖାଥିଲା - ପୁଅ, ତୁ ଖୁସିରେ ଅଛୁ ଜାଣିଲି, ଯାହାହେଉ ତୋ ଜରିଆରେ ମୁଁ ଦୁନିଆକୁ ଦେଖାଯିବ ସେଥିଲାଗି ମୋ ଆଖି କାଢ଼ି ତୋ ଆଖିରେ ଡାକ୍ତର ଲଗାଇଥିଲେ। ମୋର ଦୁର୍ଭାଗ୍ୟ ଯେ ତୋ ସହିତ ଆଉ ଭେଟ ହୋଇପାରିଲା ନାହିଁ। ବିଶ୍ୱ ମହିଳା ଦିବସ ଅବସରରେ ନାରୀ ସଶକ୍ତିକରଣକୁ ସମ୍ମାନ ଓ ନିଜ ମାଆ ମାନଙ୍କ ପ୍ରତି କର୍ତ୍ତବ୍ୟର ଦିଗଟିକୁ ଅନୁଚିନ୍ତନକଲେ ଏହି ଦିବସର ଅନ୍ତର୍ନିହିତ ତାତ୍ପର୍ଯ୍ୟର ଗୁରୁତ୍ୱ ରହିବ।

ନିର୍ଦ୍ଦେଶିକା ଓ ସମ୍ପାଦିକା, ଆନ୍ତର୍ଜାତୀୟ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ, ଦୂରଭାଷ : ୯୯୩୭୧୭୨୮୧୦

# ଖୋର୍ଦ୍ଧା ରାଜବଂଶରେ ଜଗନ୍ନାଥ ଧର୍ମର ବୈଶିଷ୍ଟ୍ୟ


ଉମାଶଙ୍କର ପ୍ରସାଦ

୧୮୭୭ ମସିହା ଫେବୃଆରୀ ମାସରେ ଜଗନ୍ନାଥ ମନ୍ଦିରର ସୁପରିନ୍‌ଟେଂଣ୍ଡେଟ ଓ ପୁରୀର ମହାରାଜ ଦିବ୍ୟସିଂହ ଦେବ ଜଣେ ସାଧୁଙ୍କୁ ହତ୍ୟା କରିଥିବା ଅପରାଧରେ ଆଣ୍ଡାମାନ ଦ୍ୱୀପପୁଞ୍ଜକୁ ଦ୍ୱୀପାନ୍ତରିତ ହେଲେ। ତା'ର ଅଳ୍ପ କେତେ ବର୍ଷ ପରେ ୧୮୮୨ ମସିହାରେ ପୁରୀର ବିଭିନ୍ନ ଶ୍ରେଣୀର ପଣ୍ଡା, ପୂଜକ ଓ ବ୍ରାହ୍ମଣମାନେ ପୁରୀ ରାଜବଂଶର ସପକ୍ଷରେ ସରକାରଙ୍କ ପାଖକୁ ଦରଖାସ୍ତ କଲେ। ସରକାର ଜଗନ୍ନାଥ ମନ୍ଦିରର ପରିଚାଳନା ଭାର ନିଜ ହାତକୁ ନ ନେବା ପାଇଁ ସେଥିରେ ଆବେଦନ କରାଯାଇଥିଲା। ଦରଖାସ୍ତରେ କୁହାଯାଇଥିଲା-

"ପୁରୀର ମହାରାଜ ଭାରତବର୍ଷର ହିନ୍ଦୁମାନଙ୍କ ମଧ୍ୟରେ ସବୁଠାରୁ ସମ୍ମାନିତ ବ୍ୟକ୍ତି। ହିନ୍ଦୁସ୍ଥାନରେ ତାଙ୍କଠାରୁ ବହୁ ଧନୀ ରାଜା ଅଛନ୍ତି। କିନ୍ତୁ ହିନ୍ଦୁମାନଙ୍କ ଦୃଷ୍ଟିରେ ତାଙ୍କର ତୁଳନାରେ କେହି ସମ୍ମାନିତ ନୁହଁନ୍ତି"। ହତ୍ୟା ଅପରାଧ ପରେ ପୁରୀ ରାଜବଂଶକୁ ଏପରି ସମ୍ମାନ ଦେବା ପୁରୀର ପଣ୍ଡାମାନଙ୍କ ପକ୍ଷରେ ବିଚିତ୍ର ନ ଥିଲା। ମାତ୍ର ଏହି ଆବେଦନ ଫଳରେ ବ୍ରିଟିଶ ସରକାର ଏପରି ବିଚଳିତ ହୋଇଗଲେ ଯେ, ପୁରୀ ମନ୍ଦିର ପରିଚାଳନା ନିଜ ହାତକୁ ନେବାର ପ୍ରସ୍ତାବ ବନ୍ଦ କରି ଦିଆଗଲା ଏବଂ ଦିବ୍ୟସିଂହଙ୍କର ମାତା ରାଣୀ ସୂର୍ଯ୍ୟମଣିଙ୍କୁ ତାଙ୍କ ଅଳ୍ପ ବୟସ୍କ ନାତିର ମାତା ମାହାଫିସ୍ ଭାବରେ ମନ୍ଦିର ପରିଚାଳନାର ଦାୟୀତ୍ୱ ଦିଆଗଲା। ୧୮୮୭ ମସିହାରେ ଭାରତ ସରକାର ଆହୁରି ଥରେ ମୁଣ୍ଡ ନୁଆଁଇଲେ। ମନ୍ଦିର ପରିଚାଳନା ପୁଣି ହାତକୁ ନେବାର ଉଦ୍ୟମ ହୋଇଥିଲା। ତାହା ବିରୁଦ୍ଧରେ ଏକ ମକଦ୍ଦମାରେ ପୁରୀ ରାଜାଙ୍କ ପକ୍ଷରୁ ସ୍ୱର୍ଗୀୟ ମଧୁସୂଦନ ଦାସ ଲଢ଼ିଥିଲେ ଏବଂ ବିଜୟୀ ହୋଇଥିଲେ। ଏହି ବିଜୟ କେବଳ ପୁରୀରେ ଯେ ଆନନ୍ଦ ଉଲ୍ଲାସ ଖେଳାଇଥିଲା, ତା' ନୁହେଁ; ଏପରି କି ଷ୍ଟେଟସ୍ ମ୍ୟାନ୍ ସମ୍ବାଦପତ୍ର ଲେଖିଥିଲେ- "ପୁରୀ ମନ୍ଦିରର ପରିଚାଳନା ଏବଂ ତା'ର ସମ୍ପତ୍ତିର ଦାୟୀତ୍ୱ ବହୁ ପ୍ରାଚୀନ କାଳରୁ ଖୋର୍ଦ୍ଧା ରାଜାଙ୍କର ମାର୍ଫତରେ ରହି ଆସିଛି। ଏହି ପ୍ରସିଦ୍ଧ ମନ୍ଦିରର ବିଭିନ୍ନ ପୂଜା, ବିଧି-ବିଧାନ ଆଦିରେ ଖୋର୍ଦ୍ଧା ରାଜା ଏପରି ସମ୍ପୃକ୍ତ ଯେ ତାଙ୍କୁ ଜଗନ୍ନାଥଙ୍କର ଅବତାର ବୋଲି ଗ୍ରହଣ କରାଯାଏ।

ଖୋର୍ଦ୍ଧା ବା ପୁରୀ ରାଜା ହିନ୍ଦୁସ୍ଥାନରେ ବିଭିନ୍ନ ରାଜାଙ୍କ ମଧ୍ୟରେ କିପରି ଏହି ସ୍ଥାନ ଅଧିକାର କଲେ, ୧୮୦୪ ମସିହାରେ ଖୋର୍ଦ୍ଧାର ଚତୁଃର୍ପାଶ୍ୱବର୍ତୀ ତାଙ୍କର କ୍ଷୁଦ୍ର ରାଜ୍ୟ ହରାଇବା ପରେ ମଧ୍ୟ ଜଗନ୍ନାଥ ମନ୍ଦିରର କେବଳ ସୁପରିଟେଂଣ୍ଡେଟଂ ରହି ଏହି ସମ୍ମାନ ଭୋଗ କଲେ; ତାହା ବିଶେଷ ଭାବରେ ବିଚାର୍ଯ୍ୟ ଓ ଏଥିପାଇଁ ଓଡିଶାର ମଧ୍ୟଯୁଗର ଇତିହାସକୁ ଫେରିଯିବାକୁ ପଡିବ।

ଖୋର୍ଦ୍ଧା ରାଜବଂଶର ଇତିହାସ (୧୫୭୫-୧୮୦୪ଖ୍ରୀଷ୍ଟାବ୍ଦ) ଏବଂ ତା'ର ପରବର୍ତୀ ପୁରୀ ରାଜବଂଶ ଇତିହାସ ଯେପରରି ଭାବରେ ଓଡିଶା ବାହାରେ ଅନୁଧ୍ୟାନ ହେବା କଥା, ହୋଇନାହିଁ। ପବିତ୍ର ପୁରୀଧାମକୁ ଅକ୍ତିଆରରେ ରଖି କିପରି ଭାବରେ ଏହି ରାଜବଂଶ ଅଖଣ୍ଡ ପ୍ରଭୃତ୍ୱ ବିସ୍ତାର କରିଥିଲେ, ତାହା ଅଧ୍ୟୟନ କଲେ ଆଶ୍ଚର୍ଯ୍ୟ ହେବାକୁ ପଡେ। ଏହି ରାଜବଂଶ ଇତିହାସ ଅନ୍ୟ ଏକ ବିଷୟ ପ୍ରତିପାଦିତ କରେ ଯେ, ଏହାଠାରୁ ପୁରାତନ ଏକ ବିଶାଳ ସାମ୍ରାଜ୍ୟର ପରମ୍ପରାରେ ଏହା କିପରି ଅଧିକାରୀ ହୋଇ ପାରିଥିଲା। ଗଙ୍ଗବଂଶର ରାଜତ୍ୱ କାଳରେ ଜଗନ୍ନାଥ ଓଡିଶାର ରାଷ୍ଟ୍ରଦେବତା ରୂପେ ଘୋଷିତ ହେଲେ। ସୂର୍ଯ୍ୟବଂଶର ରାଜତ୍ୱବେଳେ ମଧ୍ୟ ଏହି ପରମ୍ପରା ଚଳିଆସିଲା। ମୋଟ ଉପରେ ୧୧୧୨ ଖ୍ରୀଷ୍ଟାବ୍ଦରୁ ୧୫୪୦ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ଓଡିଶା ଉତର ଭାରତ ଓ ମଧ୍ୟ ଭାରତର ମୁସଲମାନ ସାମ୍ରାଜ୍ୟମାନଙ୍କର ବିରୁଦ୍ଧରେ ଏକ ଶକ୍ତିଶାଳୀ ରାଷ୍ଟ୍ରରୂପେ ଠିଆ ହୋଇପାରିଥିଲା। ଶତାବ୍ଦୀ ଶତାବ୍ଦୀ ଧରି ଜଗନ୍ନାଥଙ୍କର ପୂଜା ହୋଇ ଆସୁଥିଲେ ମଧ୍ୟ ପୂର୍ବ ଗଙ୍ଗରାଜା ଅନନ୍ତବର୍ମା ଚୋଡଗଙ୍ଗଦେବ ବିଶାଳ ଜଗନ୍ନାଥ ମନ୍ଦିର ନିର୍ମାଣ ଆରମ୍ଭ କରିଥିଲେ। ଜଗନ୍ନାଥ ଧର୍ମ ବୈଷ୍ଣବ ଧର୍ମ ହେଲେ ମଧ୍ୟ ଏଥିରେ ଶାକ୍ତ, ଶୈବ, ତାନ୍ତ୍ରିକ ଓ ଆଦିମ ପ୍ରଭାବ ବହୁ ପରିମାଣରେ ଦେଖିବାକୁ ମିଳେ। ଏକ ବିଶାଳ ସାମ୍ରାଜ୍ୟର ଶାସନ ପାଇଁ ଏହି ଧର୍ମର ଐକ୍ୟବାଦ ଶକ୍ତିର ଆବଶ୍ୟକତା ସହଜରେ ଉପଲବ୍ଧ କରାଯାଇପାରେ। ଏଣୁ ଗଙ୍ଗବଂଶୀୟ ରାଜାମାନେ ଓଡିଶାର ବିଭିନ୍ନ ଧର୍ମ ଓ ସମ୍ପ୍ରଦାୟର ଲୋକଙ୍କୁ ଐକ୍ୟବଦ୍ଧ କରିବା ପାଇଁ ଶ୍ରୀଜଗନ୍ନାଥଙ୍କୁ ରାଷ୍ଟ୍ରଦେବତା ରୂପେ ଘୋଷଣା କରିଥିଲେ। ଦ୍ୱାଦଶ ଶତାବ୍ଦୀରେ ଗଙ୍ଗବଂଶୀୟ ରାଜାମାନଙ୍କ ଅମଳରେ ଓଡିଶା ଗଙ୍ଗ ସାମ୍ରାଜ୍ୟର ଉତର ଅଂଶ ସ୍ୱରୂପ ଥିଲା। ତେଣୁ ସେ ସମୟରେ ଜଗନ୍ନାଥ କେବଳ ଓଡିଶାର ରାଷ୍ଟ୍ରଦେବତା ହୋଇ ରହିଥିଲେ। କେବଳ ରାଜା ତୃତୀୟ ଅନଙ୍ଗଭୀମଦେବ(୧୨୨୧-୧୨୩୮ଖ୍ରୀ.ଅ)ଙ୍କ ରାଜତ୍ୱରେ ଜଗନ୍ନାଥ ସମଗ୍ର ଗଙ୍ଗ ସାମ୍ରାଜ୍ୟର ରାଷ୍ଟ୍ରଦେବତା ରୂପେ ଘୋଷିତ ହୋଇଥିଲେ। ଦ୍ୱାଦଶ ଶତାବ୍ଦୀର ଶେଷ ଭାଗରେ ଉତର ଭାରତରେ ମୁସଲମାନ ସାମ୍ରାଜ୍ୟ ପ୍ରତିଷ୍ଠା ହେବା ପରେ ଅନଙ୍ଗଭୀମଦେବ ତାଙ୍କର ସାମ୍ରାଜ୍ୟକୁ ମୁସଲମାନ ଶକ୍ତିଠାରୁ ରକ୍ଷା କରିବା ପାଇଁ ସୁସଙ୍ଗଠିତ କରିଥିଲେ। ମହାନଦୀ-କାଠଯୋଡି ମଧ୍ୟରେ ଥିବା କଟକକୁ ସେ ତାଙ୍କର ରାଜଧାନୀ କରି ତା'ର ନାମ ଅଭିନବ ବାରଣାସୀ ଦେଇଥିଲେ। ସେ ତାଙ୍କର ସାମ୍ରାଜ୍ୟକୁ ଜଗନ୍ନାଥଙ୍କ ନିକଟରେ ଅର୍ପଣ କରି କହିଥିଲେ, "ମୁଁ ଆଜିଠାରୁ ଶ୍ରୀ ଜଗନ୍ନାଥଙ୍କର ରାଉତ ପ୍ରତିନିଧି ଭାବରେ କାର୍ଯ୍ୟ କରିବି"। ଅନଙ୍ଗଭୀମଦେବ ତାଙ୍କର ପରବର୍ତୀ ଶିଳାଲେଖମାନଙ୍କରେ ନିଜକୁ 'ପୁରୁଷୋତମ ପୁତ୍ର' ଓ ଜଗନ୍ନାଥଙ୍କ ରାଉତ' ରୂପେ ବର୍ଣ୍ଣନା କରିଛନ୍ତି ଓ ତାଙ୍କରି ଆଦେଶରେ ତାଙ୍କର ସାମ୍ରାଜ୍ୟକୁ ଚଳାଉଥିବାର ଉଲ୍ଲେଖ କରିଛନ୍ତି।

ରାଷ୍ଟ୍ରଦେବତା ଜଗନ୍ନାଥଙ୍କୁ ଓଡିଶାର ସାମ୍ରାଜ୍ୟ ଉତ୍ସର୍ଗ କରିବା ଦ୍ୱାରା ଓଡିଆମାନଙ୍କ ମଧ୍ୟରେ ଓ ହିନ୍ଦୁ ଜଗତରେ ଏହାର ଖୁବ୍ ପ୍ରଭାବ ପଡିଥିଲା। ଅନଙ୍ଗଭୀମଦେବଙ୍କ ବଂଶଧରମାନେ ତାଙ୍କ ପଦାଙ୍କ ଅନୁସରଣ କରିଥିଲେ। ଜଗନ୍ନାଥଙ୍କ ସାମ୍ରାଜ୍ୟରେ ସେମାନେ ରାଉତ ଭାବରେ କାର୍ଯ୍ୟ କରୁଥିବାର ଘୋଷଣା କରୁଥିଲେ। କପିଳେନ୍ଦ୍ର(୧୪୩୦-୧୪୬୭ଖ୍ରୀ.ଅ) ଗଜପତି ସିଂହାସନକୁ ବଳପୂର୍ବକ ଅଧିକାର କରି ଓଡିଶାରେ ସୂର୍ଯ୍ୟବଂଶର ରାଜତ୍ୱ ଆରମ୍ଭ କରି ଶ୍ରୀ ଜଗନ୍ନାଥଙ୍କୁ ସାକ୍ଷୀ ରଖି ତାଙ୍କର ସେବକ ରୂପେ ଏହା କରୁଛନ୍ତି ବୋଲି ଉଲ୍ଲେଖ କରିଥିଲେ। ତାଙ୍କର ବିଭିନ୍ନ ଶିଳାଲେଖାରେ ତାଙ୍କ ଆଦେଶର ବିରୁଦ୍ଧାଚରଣ କରିବା ଅର୍ଥ ଜଗନ୍ନାଥଙ୍କ ଦ୍ରୋହ କରିବା ସଙ୍ଗେ ସମାନ ବୋଲି ସେ କହିଛନ୍ତି। ଗଙ୍ଗବଂଶ ସ ସୂର୍ଯ୍ୟବଂଶର ରାଜତ୍ୱକାଳରେ ରାଷ୍ଟ୍ରଦେବତା ଭାବେ ଜଗନ୍ନାଥଙ୍କ ଦର୍ଶନ ଓଡିଶାର ସାଂସ୍କୃତିକ ବିକାଶକୁ ବିଶେଷ ପ୍ରଭାବିତ କରିଥିଲା। ରାଜନୈତିକ ଅବସ୍ଥା ଏହା ପ୍ରମାଣିତ କରିଥିଲା ଯେ, ପୁରୀ ଓ ଜଗନ୍ନାଥ ମନ୍ଦିର ଯାହା ହାତରେ ରହିବ, ସେହି କେବଳ ଓଡିଶାର ଗଜପତି ଓ ରାଜାରୂପେ ଗୃହୀତ ହେବ।

ଶତାବ୍ଦୀ ଶେଷ ଭାଗ ଓ ଅଷ୍ଟାଦଶ ଶତାବ୍ଦୀର ପ୍ରଥମ ଭାଗରେ ଜଗନ୍ନାଥ ମନ୍ଦିର ଉପରେ ବହୁ ଆକ୍ରମଣ ହୋଇଥିଲା। ଓଡିଶାର ବହୁ ଅଂଚଳରେ ଓଡିଶାର ଜାତୀୟ ଦେବତାଙ୍କୁ ଲୁଚାଇ ରଖିବା ପାଇଁ ଉଦ୍ୟମ କରାଯାଇଥିଲା। ଏହି ଦୁଃଖପୂର୍ଣ୍ଣ ସମୟରେ ଜଗନ୍ନାଥ ଓ ଗଜପତି ରାଜାମାନେ ଯେପରି ଆତ୍ମରକ୍ଷା ପାଇଁ ସ୍ଥାନରୁ ସ୍ଥାନାନ୍ତରିତ ହେଉଥିଲେ, ତାହା ଓଡିଆ ଓ ସେମାନଙ୍କ ମଧ୍ୟରେ ଏକ ଦୃଢ ବନ୍ଧନ ସ୍ଥାପନ କରିଥିଲା। ବିଂଶ ଶତାବ୍ଦୀରେ ପୁରୀ ରାଜବଂଶର ପ୍ରଭାବ ଓ ପ୍ରତିପତି ପୂର୍ବପରି ରହିଲା ନାହିଁ। ବର୍ତମାନ ରାଜାଙ୍କର ପିତାମହ ରାମଚନ୍ଦ୍ର ଦେବ ଭାରତର ସ୍ୱାଧିନତାର ପ୍ରାକ୍ କାଳରେ ଇଂରେଜ ସରକାରଙ୍କୁ ଏକ ସ୍ମାରକପତ୍ର ଲେଖି ଦାବୀ କରିଥିଲେ ଯେ, ଗଡଜାତ ରାଜ୍ୟମାନଙ୍କ ସମେତ ତାଙ୍କୁ ସମଗ୍ର ଓଡିଶାର ସାର୍ମଭୌମ ଶାସକ ଭାବରେ ସ୍ୱୀକାର କରାଯାଉ। ମାତ୍ର ସ୍ୱାଧିନତା ପରେ ତାଙ୍କର କ୍ଷମତା ଆହୁରି ସଙ୍କୁଚିତ ହୋଇଗଲା। ୧୯୫୪ ମସିହାରେ ପୁରୀ ଶ୍ରୀଜଗନ୍ନାଥ ମନ୍ଦିର ଆଇନ ଅନୁଯାୟୀ ଓଡିଶା ସରକାର ମନ୍ଦିର ପରିଚାଳନା ରାଜାଙ୍କ ହାତରୁ ନେଇଯାଇ ଏକ ପରିଚାଳନା କମିଟି ହାତରେ ନ୍ୟସ୍ତ କଲେ ଏବଂ ଓଡିଶା ସରକାରଙ୍କର ଜଣେ ଅଫିସର ଆଡ୍ ମିନିଷ୍ଟ୍ରେଟର ନିଯୁକ୍ତ ହେଲେ। ମାତ୍ର ଜଗନ୍ନାଥଙ୍କର ଆଦ୍ୟ ସେବକ ଭାବରେ ରାଜାଙ୍କର ଅଧିକାର ଅବ୍ୟାହତ ରହିଲା। ପୁରୀ ମନ୍ଦିରରେ ବିଭିନ୍ନ ଅଧିକାରର ଯେଉଁ ରେକର୍ଡ ପ୍ରସ୍ତୁତ କରାଗଲା, ସେଥିରେ, "ଗଜପତି ମହାରାଜା ସେବା" ନାମରେ ପୁରୀ ରାଜାଙ୍କର ସେବା ଅଧିକାର ଅକ୍ଷୁର୍ଣ୍ଣ ରହିଲା।

ଓଡିଶାରେ ଯେତେବେଳେ ଯେଉଁମାନେ ରାଜତ୍ୱ କରିଛନ୍ତି, ଜଗନ୍ନାଥ ଧର୍ମ ସେମାନଙ୍କର ରାଜନୀତିକୁ ଗଭୀର ଭାବରେ ପ୍ରଭାବିତ କରିଛି। ଯେଉଁ ଅଣହିନ୍ଦୁ ଶକ୍ତି ଯଥା ମୋଗଲ ଓ ଇଷ୍ଟ ଇଣ୍ଡିଆ କମ୍ପାନୀ ଓଡିଶାରେ ଶାସନ କରୁଥିଲେ, ସେମାନେ ଏହାପ୍ରତି କେବଳ ସହିଷ୍ଣୁତା ଦେଖାଇ ନାହାନ୍ତି; ଏହାକୁ ଉତ୍ସାହିତ କରିଛନ୍ତି। ଏହା ସଙ୍ଗେ ସଙ୍ଗେ ଖୋରଧା ରାଜାଙ୍କର କ୍ଷମତା ସଙ୍କୁଚିତ କରି ନିଜର ରାଜନୈତିକ ଅଧିକାରକୁ ସାବ୍ୟସ୍ତ କରିଛନ୍ତି। ହିନ୍ଦୁ ଶାସକଭାବରେ ମରହଟ୍ଟାମାନେ ଓ ବର୍ତମାନର ଓଡିଶା ସରକାର ଜଗନ୍ନାଥଙ୍କ ପ୍ରତି ପୂର୍ବ ଶାସକମାନଙ୍କ ପରି ସମ୍ମାନ ଦେବା ସଙ୍ଗେ ସଙ୍ଗେ ପୁରୀ ରାଜାଙ୍କୁ ମନ୍ଦିର ପରିଚାଳନାର ବାହାରେ ରଖି ନିଜର ରାଜନୈତିକ ଅଧିକାର ଦୃଢୀଭୂତ କରିଛନ୍ତି।


ମୋ ନଂ-୬୩୭୦୬୭୫୫୬୨

# ସ୍ୱପ୍ନ ପୂରଣର ଅଭିଳାଷ


ଭାସ୍କର ବାରିକ୍

ଆଜିକାଲି ରାଜନୀତିରେ ଜେଜେବାପା, ବାପାଙ୍କର ସ୍ୱପ୍ନ ପୁରଣର ଆକାଶଛୁଆଁ ଅଭିଳାଷ ରାଜନୈତିକ ପରିବାର ଭିତରେ । ସତରେ କିଏ କେତେ ସ୍ୱପ୍ନ ଦେଖିଥିଲେ ଆଉ ସେ ସ୍ୱପ୍ନ ସବୁ କେଉଁଠି ଲିପିବଦ୍ଧ ହୋଇ ରହିଛି, ସେକଥା ବି କାହାକୁ ଜଣାନାହିଁ । ସ୍ୱପ୍ନ ଦେଖିବାକୁ କାହାକୁ ମନା ନାହିଁ, କିନ୍ତୁ ଜେଜେବାପା ଆଉ ବାପା ଜିଇଁଥିବା ବେଳେ କେତେ ନିଜ ସ୍ୱପ୍ନ ସାକାର କରିଛନ୍ତି ଓ ଲୋକମାନଙ୍କର , ସମାଜର,ଦେଶର କେତେ ସ୍ୱପ୍ନ ପୁରଣ କରିଛନ୍ତି, ସେକଥା ସମୟ ଜାଣିଛି । 'ବ୍ରାହ୍ମଣ ପୁଅ ମାଙ୍କଡ଼ ମାରିଲେ ଦୋଷ ନାହିଁ' ନ୍ୟାୟରେ ଚାଲିଛି ଶାସନ । ଏମିତି ଭାବନା ଆଗରୁ ଥିଲା ଆଉ ଏବେବି ଅଛି ଆମ ମାନସିକତାରେ । ବେଳେ ବେଳେ ସମୟ ମିଳିଲେ ମୋତେ ମୋ ଜେଜେବାପା ବୟସର ଲୋକଙ୍କ ସହିତ ଗପିବାକୁ ଭାରି ଭଲଲାଗେ । ବୟସ୍କ ବିଜ୍ଞ ବ୍ୟକ୍ତି ମାନଙ୍କ ସହିତ କଥା ହୋଇ ସେମାନେ ଅତୀତରେ ଦେଖିଥିବା ସମୟ, ବର୍ତ୍ତମାନର ସମୟ, ତାଙ୍କ ମନର ଭାବନା ଓ ସ୍ୱପ୍ନକୁ ଜାଣିବା ପାଇଁ ଭାରି ଇଚ୍ଛା ହୁଏ । ନିକଟରେ ସୁଯୋଗ ମିଳିଥିଲା ଏମିତି ଜଣେ ଅଳ୍ପ ପାଠ ପଢିଥିବା ବୟସ୍କ କିନ୍ତୁ ବିଜ୍ଞ ବ୍ୟକ୍ତିଙ୍କ ସହିତ କଥା ହେବାର । ସମ୍ମାନସ୍ପଦ ମଉସା ଜଣଙ୍କ ତାଙ୍କ ମନର ଭାବନା ଓ ସ୍ୱପ୍ନକୁ ବଖାଣି ଥିଲେ ବେଶ୍ ସୁନ୍ଦର ଭାବରେ ଯାହା ମୁଁ ଆପଣମାନଙ୍କ ଆଗରେ ଉପସ୍ଥାପନା କରୁଛି । 'ମୁଁ ଏମିତି ଏକ ସମାଜ ଦେଖିବାକୁ ଚାହୁଁଛି, ଯେଉଁଠି ନଥିବ ଈର୍ଷା, ଦ୍ୱେଷ, କ୍ରୋଧ, ଅହଂକାର,ଅହମିକା, ପାପ, ବ୍ୟଭିଚାର, ଶୋଷଣ, ଅତ୍ୟାଚାର ଓ ପରଶ୍ରୀକାତରତା । ଏମିତି ଏକ ସୁସ୍ଥ ସୁନ୍ଦର ସମାଜର ସ୍ୱପ୍ନ ମୁଁ ଦେଖୁଛି ଯେଉଁଠି ନଥିବ ଭୋକର ବିକଳ ଭୂଗୋଳ ନଗଡାର ଚିତ୍ର । ସବୁ ଲୋକମାନଙ୍କ ପାଖରେ ବଂଚିବାର, ଜୀବନ ଜିଇଁବାର ସର୍ବନିମ୍ନ ଆବଶ୍ୟକତା ଥିବ । ଖାଦ୍ୟ ବସ୍ତ୍ର ବାସଗୃହର ଅଭାବ ନଥିବ ଓ ମାଗଣାରେ ମିଳୁଥିବ ସମସ୍ତ ସ୍ୱାସ୍ଥ୍ୟସେବା ଓ ଶିକ୍ଷା । ବିଦ୍ୟାଳୟ ଠାରୁ ବିଶ୍ୱବିଦ୍ୟାଳୟର ପର୍ଯ୍ୟନ୍ତ ସବୁ ଶିକ୍ଷାନୁଷ୍ଠାନ ହେଇଥିବ ସୁନ୍ଦର ଆକର୍ଷଣୀୟ ଓ ପ୍ରତି ଶିକ୍ଷାନୁଷ୍ଠାନରେ ଥିବେ ଭଦ୍ର ,ମାର୍ଜିତ, ସମୟାନୁବର୍ତ୍ତୀତାକୁ ଭଲପାଉଥିବା ଦେଶପ୍ରେମୀ ଉଚ୍ଚ ଶିକ୍ଷିତ ଶିକ୍ଷକ ଯେଉଁମାନଙ୍କ ଭିତରେ ଥିବ କର୍ତ୍ତବ୍ୟ ପରାୟଣତା ପ୍ରତି ଗଭୀର ନିଷ୍ଠା । ପ୍ରତିଟି ଶିକ୍ଷାର ମନ୍ଦିରରେ ସିଲାବସ୍ ଅନୁସାରେ ପାଠ ପଢ଼ା ସହିତ, ଶାରିରୀକ ଶିକ୍ଷା,ନୀତି ନୈତିକତା , ଦେଶପ୍ରେମ ,ମଣିଷ ପଣିଆ, ସେବା ମନୋଭାବ, ସଂସ୍କୃତି ,ସଂସ୍କାର ଓ ସଭ୍ୟତା ବିଷୟରେ ମୂଲ୍ୟବୋଧ ଭିତ୍ତିକ ଶିକ୍ଷା ପ୍ରଦାନ କରାଯାଉଥିବ । ସେହି ଶିକ୍ଷାନୁଷ୍ଠାନ ମାନଙ୍କରୁ ଖାଲି ଟଙ୍କା ତିଆରି ମେସିନ୍ ବାହାରିବା ବଦଳରେ ବାହାରିବେ ହଜାର ହଜାର ସଂଖ୍ୟକ ଦେଶପ୍ରେମୀ ଶୁଶିକ୍ଷିତ ଯୁବକ ଯୁବତୀ ଯେଉଁମାନେ ଦେଶର ଉନ୍ନତି ଓ ପ୍ରଗତିରେ ହେବେ ବାହାକ । ସେମାନଙ୍କ ଭିତରେ ଖୁନ୍ଦି ହୋଇ ରହିଥିବ ଦୃଢ଼ ମନୋବଳ, ଅସୀମ ଇଚ୍ଛାଶକ୍ତି ଓ ଅଟଳ ଆତ୍ମ ବିଶ୍ୱାସ ଯାହା ଜୀବନ ରାସ୍ତାରେ ଆସୁଥିବା ପ୍ରତ୍ୟେକ ସମସ୍ୟାକୁ ସହଜରେ ସାମ୍ନା କରିବାକୁ ତାଙ୍କୁ ସାହାଯ୍ୟ କରୁଥିବ । ପ୍ରତି ଡାକ୍ତରଖାନାରେ ଥିବେ ଆବଶ୍ୟକତା ମୃତାବକ ଡାକ୍ତର ଓ ଆଧୁନିକ ଚିକିତ୍ସା ପଦ୍ଧତିରେ ରୋଗ ନିରୁପଣ ଓ ନିରାକରଣର ସମସ୍ତ ସୁବିଧା । ଏହି ଶିକ୍ଷା ଓ ସ୍ୱାସ୍ଥ୍ୟସେବା ବ୍ୟତିତ ଆଉ କୋ ?ଣସି ଲୋଭନୀୟ ସେବା ମାଗଣାରେ ଲୋକଙ୍କୁ ଦିଆଯିବ ନାହିଁ । ପ୍ରତିଟି ଗାଁକୁ ଥିବ ଯୋଗାଯୋଗ ଓ ଗମନାଗମନର ଭଲ ବ୍ୟବସ୍ଥା । ଗାଁ ଓ ସହର ଭିତରେ ଥିବା ତାରତମ୍ୟକୁ କମେଇବା ପାଇଁ ସମୟାନୁସାରେ ସମସ୍ତ ଆବଶ୍ୟକୀୟ ପଦକ୍ଷେପ ନିଆ ଯାଉଥିବ । ଯେହେତୁ ଗାଁରେ ଅଧିକ ଲୋକ ରହୁଛନ୍ତି ଓ ସେମାନେ କୃଷି ଉପରେ ପ୍ରାୟତଃ ନିର୍ଭରଶୀଳ, କୃଷି ଓ କୃଷକର ଉନ୍ନତି ପାଇଁ ଯାହା ଯାହା ପଦକ୍ଷେପ ନିଆଯିବା କଥା, ସେ ସମସ୍ତ ପଦକ୍ଷେପ ତୁରନ୍ତ ନିଆଯିବା ଦରକାର । ଜମିକୁ ଜଳସେଚନର ବ୍ୟବସ୍ଥା ସହିତ ଅତ୍ୟାଧୁନିକ ବୈଷୟିକ ଓ ବୈଜ୍ଞାନିକ ଜ୍ଞାନ କୌଶଳରେ କୃଷକ କେମିତି ଚାଷକାମ କରି ପାରିବ ଓ କୃଷିକ୍ଷେତ୍ରରୁ ଉତ୍ପାଦିତ ସାମଗ୍ରୀକୁ ଉଚିତ୍ ମୂଲ୍ୟରେ ବିକ୍ରୟ କରି ଲାଭବାନ ହେବ ସେ ଦିଗରେ ଯଥେଷ୍ଟ ଧ୍ୟାନ ଦେବାର ଅଛି । ଧାନ ଚାଷ ସହିତ,ବାଜରା,ଗହମ,ମକା, ମାଣ୍ଡିଆ, ସୋରିଷ,ଆଳୁ , ପିଆଜ ଓ ବିଭିନ୍ନ ପରିବା ଆଦି ଚାଷ ଉପରେ ବି ଗୁରୁତ୍ୱ ଦିଆଯିବା ଦରକାର । କୁକୁଡା ଚାଷ, ମତ୍ସ୍ୟ ଚାଷ,ଗୋପାଳନ ଇତ୍ୟାଦି ଉପରେ ଗୁରୁତ୍ୱ ଦେଇ କୃଷକର ମେରୁଦଣ୍ଡକୁ ଅଧିକ ମଜଭୁତ କରିବାର ଅଛି କାରଣ ଓଡ଼ିଶାର ହେଉ କି ଭାରତର, ସତୁରି ଭାଗରୁ ଅଧିକ ଲୋକ କୃଷିଭିତ୍ତିକ ଜିବିକା ଉପରେ ନିର୍ଭରଶୀଳ । ତେଣୁ କୃଷି ଓ କୃଷକର ଉନ୍ନତି ଅର୍ଥ ଦେଶର ପ୍ରଗତି । ଅନ୍ତତଃ ପ୍ରତି ବ୍ଲକ୍ ସ୍ତରରେ ଗୋଟିଏ ଲେଖାଏଁ କୋଲ୍ଡ ଷ୍ଟୋରେଜ ରହିବାର ବନ୍ଦୋବସ୍ତ ହେବା ଦରକାର ଯେଉଁଠି ଚାଷୀମାନେ ସେମାନଙ୍କର ଉତ୍ପାଦିତ ବଳକା ସାମଗ୍ରୀକୁ ଆଇନ୍ ଅନୁସାରେ ଧାର୍ଯ୍ୟ ମୂଲ୍ୟ ଦେଇ ରଖି ପାରିବେ । ଓଡ଼ିଶା ଓ ଭାରତରେ ଜଳ, ଖଣି ଖାଦାନର ଅଭାବ ନାହିଁ । ନୂତନ ଟେକ୍ନୋଲୋଜିର ଉଦ୍ଭାବନ ଓ ବିଜ୍ଞାନ ଦ୍ରୁତ ଗତିରେ ଅଗ୍ରସର ହେଇ ଚାଲିଛି । ତେଣୁ ପରିବେଶର ସନ୍ତୁଳନତା ରକ୍ଷାକରି ଯେତେଦୂର ସମ୍ଭବ ନୂଆ କଳକାରଖାନା ପ୍ରତିଷ୍ଠା ହେଉ ଯେଉଁଠି ଶିକ୍ଷିତ ଯୁବକ ଯୁବତୀମାନଙ୍କୁ ନିଯୁକ୍ତିର ସୁଯୋଗ ମିଳିବ । କୋଇଲା, ଲୁହାପଥର ବିଦେଶକୁ ରପ୍ତାନୀ କରି ଯେତେ ଲାଭ ମିଳୁଛି, ତାକୁ ନିଜ ଦେଶରେ ଯଦି କଳକାରଖାନା ତିଆରି କରି ବ୍ୟବହାର କରାଯାଇ ପାରନ୍ତା, ତାହେଲେ ବହୁ ଗୁଣରେ ଦେଶର ଲାଭ ହୁଅନ୍ତା । ବେକାରୀ ସମସ୍ୟାର ସମାଧାନ ହେବା ସହିତ ଦେଶର ଦ୍ରୁତ ଅର୍ଥନୈତିକ ବିକାଶ ଆସି ପାରନ୍ତା । କଳକାରଖାନାରୁ ବାହାରୁଥିବା ଧୂଳିକଣା, ଧୂଆଁ ଓ ବିଷାକ୍ତ ଗ୍ୟାସ ସମସ୍ୟାର ସମାଧାନ ପାଇଁ ପୁରୁଣା ଜଙ୍ଗଲର ସୁରକ୍ଷା ସହିତ ଯେତେ ସମ୍ଭବ ନୂଆ ଜଙ୍ଗଲ ସୃଷ୍ଟି ଉପରେ ଗୁରୁତ୍ୱ ଦେବା ନିହାତି ଜରୁରୀ । ମୋତେ ବାବା, ନବେ ବର୍ଷ ପାଖାପାଖି ହେଲାଣି । ମୋ ହେତୁ ହେବା ଦିନଠାରୁ ମୁଁ ଏ ପବିତ୍ର ଭାରତବର୍ଷର ନେତାମାନଙ୍କୁ ଦେଖି ଆସୁଛି ଯେଉଁମାନଙ୍କ ଭିତରୁ ଅଧିକାଂଶ ନିଜର ସ୍ୱାର୍ଥ, ଦଳୀୟ ସ୍ୱାର୍ଥ ଆଗ ବିଚାର କରନ୍ତି , ଦେଶର ହିତ ଓ ଦେଶର ଉନ୍ନତି ସେମାନଙ୍କ ପାଇଁ ପଛ । ସାଧୁତା ଓ ଦୃଢ଼ ରାଜନୈତିକ ଇଚ୍ଛାଶକ୍ତିର ଅଭାବ, ଦୂରଦୃଷ୍ଟିର ଅଭାବ ପାଇଁ ଏ ଦେଶ ଏକ ବିକାଶଶୀଳ ଦେଶ ଭାବରେ ଗଣା ହେଉଛି । କେଉଁଥିରେ ଅଭାବ ନଥାଇ ଶସ୍ୟଶ୍ୟାମଳାପୂର୍ଣ୍ଣ ଏ ଦେଶ କାହିଁକି ପଛରେ ରହିବ । ସ୍ୱାଧୀନତା ପ୍ରାପ୍ତିର ପାଖାପାଖି ଆଠ ଦଶନ୍ଧି ପରେ ବି ବହୁତ ଲୋକଙ୍କ ପାଖରେ ରହିବା ପାଇଁ ଘର ଖଣ୍ଡେ ନାହିଁ । ସ୍ୱଚ୍ଛ ପାନୀୟ ଜଳର ବ୍ୟବସ୍ଥା ନାହିଁ । ନାହିଁ ନାହିଁରେ ଚାଲିଛି ଜୀବନ ଧକେଇ ଧକେଇ । କାହିଁକି ମୋ ରାଜ୍ୟ ଓଡ଼ିଶାର ଲୋକମାନେ ଅନ୍ୟ ରାଜ୍ୟକୁ ଦାଦନ ଶ୍ରମିକ ହୋଇ ଯିବେ ଓ ଅତ୍ୟାଚାରର ଶିକାର ହେବେ ? ? ? ଗରୀବ୍ ହଟାଓ ଅଭିଜାନ ନାରାର ଅନ୍ତ ହେଉନି । ବୋଧହୁଏ ଗରୀବ୍ ହଟିଗଲେ, ଲୋକମାନେ ଶିକ୍ଷିତ ଓ ଦେଶପ୍ରେମୀ ହେଲେ, ନେତାମାନେ ଆଉ ଲୋକମାନଙ୍କୁ ସହଜରେ ଭକୁଆ ବନେଇ ପାରିବେନି । ଗରୀବ୍ ହଟାଇବା ଅଭିଜାନ ନାମରେ ବିଭିନ୍ନ ଯୋଜନା କରି ନିଜ ପକେଟ୍ ଭରିବାର ସୁଯୋଗ ପାଇବେନି । ଭଗବାନ ଜାଣନ୍ତି ଆହୁରି କେତେ ବର୍ଷ ଲାଗିବ ଏ ଦେଶରୁ ଦାରିଦ୍ର୍ୟ ଦୂରୀକରଣ ପାଇଁ । ଅନେକ ବିଦେଶୀ ଶକ୍ତି ଏ ଦେଶକୁ ବାରମ୍ବାର ଲୁଣ୍ଠନ କରିଛନ୍ତି । ଏବେବି କିଛି ଲୋକ ସେହି ବିଦେଶୀ ଲୁଣ୍ଠନକାରୀ , ଅତ୍ୟାଚାରୀ ପଶୁଙ୍କର ବଂଶଧର ଭଳିଆ ଆଚରଣ ପ୍ରଦର୍ଶନ କରୁଛନ୍ତି ଯାହା ମୁଁ ଟିଭିରେ ଦେଖୁଛି ଓ ଖବରକାଗଜରେ ପଢୁଛି । ଏଭଳି ଲୋକଙ୍କୁ ଜେଲ୍ ର ଅନ୍ଧାର ସେଲ୍ ଭିତରେ ରଖି ଖଟେଇ ଖଟେଇ ମାରିବା କଥା । ମୋର ସ୍ୱପ୍ନ ଆକୁମାରୀ ହିମାଚଳ ଏ ବିଶାଳ ଦେଶରେ ଶାନ୍ତି ଓ ପ୍ରଗତିର ବିଜୟ ଧ୍ୱଜା ଉଡୁ । ଧର୍ମ ଆଧାରରେ ଏ ଦେଶ ଭାଗ ଭାଗ ହୋଇଛି ହାତ ଗଣତି କେଇଜଣ ମୁଷ୍ଟିମେୟ ମଣିଷ ମାନଙ୍କ ସ୍ୱାର୍ଥ ପାଇଁ । ଯାହା ହୋଇଛି ତ ହୋଇଛି , ଆଉ ନୁହେଁ । ଯେଉଁମାନେ ଏ ଦେଶର ଚିକେନ ନେକ୍ କାଟିବା କଥା କହୁଛନ୍ତି, ବେଳେ ବେଳେ ଉଦ୍ଭ୍ରାନ୍ତ ହୋଇ ଦେଶ ବିରୋଧରେ ନାରାବାଜି କରୁଛନ୍ତି , ସେମାନଙ୍କୁ ଓ ସେମାନଙ୍କର ପୃଷ୍ଠପୋଷକ ମାନଙ୍କୁ କଠୋର ଦଣ୍ଡରେ ଦଣ୍ଡିତ କରିବାର ତୁରନ୍ତ ବ୍ୟବସ୍ଥା କରାଯାଉ । ଏଭଳି ଅମଣିଷ ପଶୁ ମାନଙ୍କ ପାଇଁ କୋ ?ଣସି ଦୟା କ୍ଷମା ନାହିଁ । ଭୋଟ୍ ପାଇଁ ଯେଉଁମାନେ ସେମାନଙ୍କ ପାଇଁ ଓକିଲାତି କରୁଛନ୍ତି, ସେମାନେ ତାଙ୍କ ଦେଶଭକ୍ତିର ପରିଚୟ ଦେଉଛନ୍ତି । ଧିକ୍ ସେମାନଙ୍କ ମଣିଷ ପଣିଆ କୁ ।ଗୋଟେ ଦେଶର ଉନ୍ନତି ପ୍ରଗତି, ସାହିତ୍ୟ, ସଂସ୍କୃତି, ସଂସ୍କାର ସଭ୍ୟତା, ଶାନ୍ତି ଓ ସୁରକ୍ଷା ବହୁତ ବଡ଼ କଥା । ଏ ଦଶକୁ ଯେଉଁମାନେ ଏକ ଅନାଥାଶ୍ରମ ଭାବି ଲୁଚି ଛପି ବେଧଡକ ପଶି ଆସୁଛନ୍ତି ଓ ସେମାନଙ୍କୁ ଭୋଟର କାର୍ଡ,ରେସନ କାର୍ଡ,ଆଧାର କାର୍ଡ ଇତ୍ୟାଦି ଯୋଗେଇ ଦେଇ ଭୋଟ୍ ପାଇଁ ଯେଉଁମାନେ ଯାତ୍ରା କରୁଛନ୍ତି , ସିଏଏ ଓ ଏନଏଆରସି କୁ ବିରୋଧ କରିବା ନାମରେ ବିରୋଧ କରୁଛନ୍ତି , ସେମାନେ ନିଜର ବିବେକକୁ ଥରେ ପଚାରିବା ଦରକାର, ସେମାନେ କାହା ସ୍ୱାର୍ଥ ପାଇଁ ଏମିତି କରୁଛନ୍ତି । ସେମାନଙ୍କ ପାଇଁ ଦେଶର ସ୍ୱାର୍ଥ ବଡ଼ ନା ବ୍ୟକ୍ତିଗତ ସ୍ୱାର୍ଥ ଓ ଦଳୀୟ ସ୍ୱାର୍ଥ ବଡ଼ ଏହି ଇନଫିଲିଟ୍ରେଟରସ୍ ମାନେ ଦେଶର ଡେମୋଗ୍ରାଫିକୁ ପରିବର୍ତ୍ତନ କରିବାରେ ବ୍ୟସ୍ତ । ଏହିମାନେ ବି ବିଭିନ୍ନ ଚୋରି ଡକାୟତି ଅପରାଧରେ ସଂପୃକ୍ତ । ଆରେ ଦେଶ ସିନା ଆଗ ସୁରକ୍ଷିତ ରହିବା ଦରକାର । ଦେଶର ସାର୍ବଭୌମତ୍ୱ, ଅଖଣ୍ଡତା ଓ ସୁରକ୍ଷା ଉପରେ ଗଭୀର ଭାବରେ ଚିନ୍ତା କରିବାର ଅଛି । ଗୋଟେ ଗୋଟେ ନିର୍ବାଚନ ମଣ୍ଡଳୀରେ ତିନି ପୁରୁଷ ଧରି ଗୋଟିଏ ଗୋଟିଏ ପରିବାର ନିଜର ଆଧିପତ୍ୟ ଜାହିର କରି ଚାଲିଛନ୍ତି । ଜେଜେବାପା, ବାପା ଆଉ ଏବେ ନାତି । ଜେଜେବାପା ଓ ବାପା ଏତେଦିନ କ୍ଷମତାରେ ରହିବା ଭିତରେ ଦେଖିଥିବା ସ୍ୱପ୍ନ ପୁରଣ କରି ପାରିଲେନି । ସେମାନେ ଦେଖିଥିବା ସ୍ୱପ୍ନକୁ ପୁଅ କିମ୍ୱା ନାତି ପୂରଣ କରିବ । କେବଳ ରାଜନୈତିକ ବ୍ୟକ୍ତିମାନେ ଓ ତାଙ୍କ ପରିବାରର ଲୋକମାନେ ସ୍ୱପ୍ନ ଦେଖନ୍ତି । ବାଃ, କି ଚମତ୍କାର !!! ସେମାନେ କାହା ସ୍ୱପ୍ନ ପୁରଣ କରନ୍ତି ସତରେ, ନିଜର ନା ଯେଉଁମାନେ ସେମାନଙ୍କୁ ଭୋଟ୍ ଦେଇ ନିର୍ବାଚିତ କରିଥାନ୍ତି । ଆଉ ଆମ ଲୋକମାନେ ବି ଭକୁଆ । କେଇଖଣ୍ଡ କାଗଜ କୁକୁଡା,ମିଛ ଆଶ୍ୱାସନା, ମଦିରା ଓ ମାଉଁସ ଭୋଜିଭାତରେ ଭଳି ଯାଇ ବିବେକକୁ ବଳୀ ପକେଇ ଦିଅନ୍ତି । ମାଗଣାର ଲୋଭ ସେମାନଙ୍କୁ ଭୁଲ୍ ବାଟରେ ନିଏ ,କର୍ମ କୁଢୀ କରିଦିଏ । ଶିକ୍ଷା ଓ ସ୍ୱାସ୍ଥ୍ୟସେବା କୁ ଛାଡି ଆଉ କୋ ?ଣସି ମାଗଣା ଯୋଜନା ହେବା ଅର୍ଥ ଦେଶର ଅବନତି । ମାଗଣା ଯୋଜନାରେ ଖର୍ଚ୍ଚ ହେଉଥିବା ଟଙ୍କା ଗଛରେ ଫଳେନି । ସେହି ଟଙ୍କା ବିଭିନ୍ନ ଉପାୟରେ ଲୋକ ମାନଙ୍କ ପକେଟରୁ ଯାଏ । ମାଗଣା ଦେଇ ଲୋକମାନଙ୍କର ଉନ୍ନତି କେବେ ସମ୍ଭବ ନୁହେଁ । ମାଗଣା ଯୋଜନା ପାଇଁ ବିଶ୍ୱରେ କିଛି ଦେଶ ଦେବାଳିଆ ହେବା ଓ ଭୟଙ୍କର ଅର୍ଥନୀତିର ସାମ୍ନା କରିବା କ'ଣ ଆମ ଦେଶର ନେତାମାନେ ଦେଖି ପାରୁ ନାହାଁନ୍ତି ନା ଦେଖିବି ଅନ୍ଧ ଧୃତରାଷ୍ଟ୍ରର ଅଭିନୟ କରୁଛନ୍ତି ନିଜର ସ୍ୱାର୍ଥ ପାଇଁ । ମାଗଣା ଚାଉଳ ଯୋଜନା, ଛତା ଯୋତା କମ୍ୱଳ ଯୋଜନା, ମଝିରେ ମଝିରେ ହଜାରେ ଦୁଇ ହଜାର ଟଙ୍କା ପ୍ରଦାନ, ଏସବୁର ମାନେ କିଛି ନାହିଁ । ଶିକ୍ଷିତ ଯୁବକମାନଙ୍କୁ ବେକାରୀ ଭତ୍ତାର ଲୋଭ ଦେଖେଇ ବାଟବଣା କରିବା ଏକ ଧର୍ତ୍ତବ୍ୟ ଅପରାଧ ସଦୃଶ । ମଉସାଙ୍କ ମୁହଁରୁ ଏମିତି କଥା ଶୁଣିବା ପରେ ମୁଁ ଭାବୁଥିଲି ଜଣେ ଅଧା ପାଠୁଆର ମନ ଓ ମସ୍ତିଷ୍କ ଯେଉଁ ସ୍ୱପ୍ନ ଦେଖିଛି, ସେମିତି ସ୍ୱପ୍ନ ବୋଧହୁଏ ଆଉ କେହି ଦେଖି ନଥିବେ । ସତରେ କ'ଣ ଏହି ମଉସାଙ୍କ ହୃଦୟରୁ ବାହାରୁଥିବା କଥା ସତ୍ୟ ହେବ ଯଦି ହେବ ଆଉ କେତେ ଦଶନ୍ଧି ପରେ ଯେଉଁମାନେ ବାପା ଜେଜେବାପାର ସ୍ୱପ୍ନ ପୁରଣ କରିବା ନାମରେ ଭୋଟ୍ ରାଜନୀତିରେ ଅନୁକମ୍ପା ମୂଳକ ଭୋଟ୍ ପାଇ ଜିତିକି ଆସୁଛନ୍ତି, ସେମାନଙ୍କର ପାରିବା ପଣିଆ ବିଷୟରେ କହିବାର କିଛି ନାହିଁ । ଅବଶ୍ୟ ବେଳେ ବେଳେ ନିପୋଟିଜିମ୍ ଓ ଅନୁକମ୍ପା ଯୋଗୁଁ କିଛି ଭଲ ଯୁବନେତା ମୈଦାନକୁ ଆସୁଛନ୍ତି ଯଦିଓ ସେମାନଙ୍କ ସଂଖ୍ୟା ବହୁତ ନଗଣ୍ୟ । ଉପକୂଳ ଓଡିଶାରୁ ଜଣେ ଯୁବନେତା ତାଙ୍କ ବାପାଙ୍କର ଦେହାନ୍ତ ପରେ ଟିକେଟ ପାଇ ଅନୁକମ୍ପା ମୂଳକ ଭୋଟ୍ ପାଇ ଜିତିଲେ । କିନ୍ତୁ ସେହି ଯୁବନେତାଙ୍କ ନାମରେ କିଛି ଯୁବତୀଙ୍କ ସହିତ ଦୈହିକ ସମ୍ପର୍କ ଓ ଧୋକ୍କା ବାଜିର ଖବର ହାଟରେ ପଡ଼ି ଦାଣ୍ଡରେ ଗଡୁଛି । ଜେଜେବାପା ପରେ ପୁଅ, ପୁଅ ପରେ ନାତି,ବାପା ପରେ ଝିଅ , ସ୍ୱାମୀ ପରେ ସ୍ତ୍ରୀ,ଏମିତି ରାଜନୀତିରେ ପରିବାରବାଦକୁ ପ୍ରୋତ୍ସାହନ ମିଳୁଛି । ସତେ ଯେମିତି ସେହିମାନେ ନେତା ହେବା ପାଇଁ ଉପରୁ ଲାଇସେନ୍ସ ଧରି ଆସିଛନ୍ତି । ଏଇଟା ଗଣତନ୍ତ୍ର ଭିତରେ ଏକ ପ୍ରକାର ରାଜତନ୍ତ୍ର ନୁହେଁ କି ? ପ୍ରତିବର୍ଷ ଜଣେ ନିର୍ବାଚିତ ଲୋକ ପ୍ରତିନିଧି ତାଙ୍କ ନିର୍ବାଚନ ମଣ୍ଡଳୀରେ କ'ଣ କ'ଣ ସବୁ ମହତ୍ୱପୂର୍ଣ୍ଣ କାମ କରିଛନ୍ତି, ତାହା ସାର୍ବଜନୀନ ହେବା ଦରକାର ଲୋକଙ୍କ ଜାଣିବା ପାଇଁ । ଅପରାଧୀ ଓ ଅପରାଧ ପୃଷ୍ଠଭୂମି ଥିବା କୋ ?ଣସି ଲୋକଙ୍କୁ ରାଜନୈତିକ ମୈଦାନକୁ ଆସିବାର ସୁଯୋଗ କୋ ?ଣସି ରାଜନୈତିକ ଦଳ ନଦିଅନ୍ତୁ । ସରକାରୀ ଚାକିରିଆ ଜଣେ ଷାଠିଏ ବର୍ଷ ଛୁଇଁଲେ ଅବସର ନେଉଛି କିନ୍ତୁ ଜଣେ ରାଜନେତା ପାଇଁ ରାଜନୀତିରୁ ଅବସର ନେବାର କୋ ?ଣସି ବୟସ ସୀମା ଅଛିକି ? ଜଣେ ସରକାରୀ ଚାକିରିଆ ପାଇଁ ଅବସର ପରେ ପେନସନ୍ ନାହିଁ କିନ୍ତୁ ଜଣେ ବ୍ୟକ୍ତି ଉପରେ ଥରେ କେଇ ମାସ ବା ବର୍ଷ ପାଇଁ ଏମେଲେଏ ବା ଏମପିର ଷ୍ଟାମ୍ପ ବସିଗଲେ ମରିବା ଯାଏ ବିଭିନ୍ନ ଅର୍ଥନୈତିକ ସୁବିଧା । ଆମ ଭାବନାରେ, ଚିନ୍ତାରେ, ମାନସିକତାରେ ପରିବର୍ତ୍ତନ ଆସିବା ନିହାତି ଦରକାର । ପାଣି ଯେତେ ସ୍ୱଚ୍ଛ ନିର୍ମଳ ହେଉ, ଯଦି ରଖିବା ପାତ୍ରଟି ପରିଷ୍କାର ନୁହେଁ, ତାହେଲେ ଜଳର ମୂଲ୍ୟ ନାହିଁ । ଠିକ୍ ସେମିତି ମନ ହୃଦୟରେ ଆମେ ଯଦି ଅସ୍ୱଚ୍ଛ, ଶାଗୁଣା ପ୍ରକୃତି ଯଦି ଆମ ଭିତରେ ଅଛି, ତାହେଲେ ଦେଶର, ରାଜ୍ୟର, ସାଧାରଣ ଲୋକମାନଙ୍କର ସ୍ୱପ୍ନ ପୁରଣ ହେବା ନିଶ୍ଚିତ ଭାବରେ ଅନିଶ୍ଚିତ । ଏବେ ଦେଖିବାକୁ ବାକି ରହିଲା ବୃଦ୍ଧ ମଉସାଙ୍କ ହୃଦୟର କଥା କେବେ ସତ ହେଉଛି ଆମ ଦ୍ୱାରା ଆଉ ଆମ ରାଜନେତା ଓ ଅଧିକାରୀ ମାନଙ୍କ ଦ୍ୱାରା । ଈଶ୍ୱର କରନ୍ତୁ ମଉସାଙ୍କ ସ୍ୱପ୍ନ ପୁରଣ ହେଉ ଓ ଆମ ଭିତରେ ସଦବୁଦ୍ଧି ଜାଗ୍ରତ ହେଉ ଓ ଏ ଦେଶ ବିଶ୍ୱରେ ଅଦ୍ୱିତୀୟ ରାଷ୍ଟ୍ର ଭାବରେ ପରିଗଣିତ ହେଉ ସବୁ କ୍ଷେତ୍ରରେ ।

ବାସୁଦେବପୁର, ଭଦ୍ରକ
ଦୂରଭାଷ ୯୪୩୭୩୨୦୩୫୦




# ପ୍ରତୀକ୍ଷିତ ପ୍ରେମ



ସୁଦର୍ଶନ ମହାପାତ୍ର

ସ୍କୁଲ ଛାଡି କଲେଜ ଏବଂ ପରେ ପରେ ୟୁନିଭରସିଟି ଜୀବନ ଶେଷ ହେବାକୁ ଯାଉଥିବା ବେଳେ ପ୍ରେମ କରିବାକୁ ଖୋଜୁଥିବା ସୁନ୍ଦର ଝିଅଟିଏ ମୋତେ ମିଳିନଥିଲା। ମୁଁ ଖୋଜୁଥିଲି ଏମିତି ଝିଅଟିଏ ଯାହାର ସମୁଦ୍ର ଭଳି ନୀଳ ନୀଳ ଆଖି ଥିବ, ହସ ମୋନାଲିସା ହସକୁ ପଛରେ ପକେଇଥିବ,ଅଣ୍ଟା ଯାଏ ଲମ୍ୱିଥିବ ତା'ର ଘନ କେଶ ରାଶି,ରୂପ ମୋ କଳ୍ପନାରେ ଆସୁଥିବା ସବୁ ଅପସରାଙ୍କ ଠାରୁ ମୋହକ ଥିବ..!

ହେଲେ ମୁଁ ନିରାଶ ହେଲି।

ଖାଲି ମୁଁ ନୁହେଁ, ମୋ ପରି କେତେଜଣ ବନ୍ଧୁଙ୍କୁ ବୋଧହୁଏ ସେମାନଙ୍କ ପସନ୍ଦର ପ୍ରେମିକା ମିଳିନଥିଲେ। ଉଦାହରଣ ସ୍ୱରୂପ ନିଆଯାଇପାରେ ବିଭାସ କୁ।ବିଭାସର ପସନ୍ଦ ଥିଲା ସ୍ୱଳ୍ପକେଶୀ, କ୍ଷୀଣାଙ୍ଗୀ ଆଉ ଦୁଧ ଅଳତା ରଙ୍ଗର ଝିଅ। ହେଲେ ପ୍ରେମ କରିବାକୁ ସେମିତି ଝିଅଟିଏ ତାକୁ ବି ମିଳିଲାନି କୁଆଡେ!

ନିରଞ୍ଜନ କହେ ତା'ର ସୁଶୀଳା,ସୌମ୍ୟା, ମାଟିକୁ ଚାହିଁ ବାଟ ଚାଲୁଥିବା ଝିଅ ପସନ୍ଦ। ଅବଶ୍ୟ ଶ୍ୟାମଳ ରଙ୍ଗ ହେଲେ ବି ତା'ର କିଛି ଆପତ୍ତି ନାହିଁ । ସେମିତି ଠାଣିମାଣିର ଝିଅ ଅର୍ଥାତ୍ ମାଛି କୁ ମ କହୁନଥିବା ଝିଅ ଆଜିକାଲି ମିଳିବା ତା' ପାଇଁ କଷ୍ଟକର ହେଲା। ଆଉ ଜଣଙ୍କୁ ମୁଁ ଏଇଠି ସାମ୍ନାକୁ ଆଣିବାକୁ ଚାହିଁବି।ସେ ହେଉଛି ସପନ ; ମୋ ପିଲାଦିନର ବନ୍ଧୁ। ହାଇସ୍କୁଲ ସମୟରେ ସୁହାସିନୀ ପଛରେ ସେ ପଡ଼ିଥିଲା ଏବଂ ପ୍ରେମିକା ରୂପରେ ପାଇବାକୁ ଯତପରୋନାସ୍ତି ଚେଷ୍ଟା କରିଥିଲା ବୋଲି ମୁଁ ଅବଗତ ଥିଲି। ସେଇ ପ୍ରେମ ତା'ର ଏକତରଫା ଥିଲା ବୋଲି ମୁଁ ମନେ କଲାବେଳେ, ସେ କିନ୍ତୁ ତା'ର ମୁରୁକି ହସରେ ମୋତେ ଯେମିତି ସୂଚେଇବାକୁ ଚେଷ୍ଟା କରୁଥିଲା ଯେ ' ତୁ ଯାହା ଭାବୁଛୁ ସେମିତି ବିଲକୁଲ ନୁହେଁ'। କେଜାଣି ଯଦି ସେ ତା'ର ସାନ୍ନିଧ୍ୟ ପାଇଥିବ! ହେଲେ ହାଇସ୍କୁଲ ସରିବା ପର୍ଯ୍ୟନ୍ତ ମୁଁ ସପନ ପ୍ରେମର ପ୍ରମାଣ ପାଇନଥିଲି।

ସପନ ପ୍ଲସ ଟୁ ରେ ପଢିଲା ରେଭେନ୍ସାରେ। ସେଇଠି କେଉଁ 'ସୋନାଲି' ନାମ୍ନୀ ଝିଅର ପ୍ରେମ ନିବେଦନ କୁ ସପନ ଗ୍ରହଣ କରିଥିଲା ବୋଲି କହୁଥିଲା। ହେଲେ ଦୀର୍ଘ ବର୍ଷଟିଏ ପରେ ସେ କୁଆଡେ ଅଚାନକ ତା'ର ନୂଆ ପ୍ରେମିକର ଭରସା ଜିତିବା ପାଇଁ ସପନ ହାତରେ ରାକ୍ଷୀ ବାନ୍ଧି ଭାଇର ମର୍ଯ୍ୟାଦା ଦେଇଥିଲା। ଅବଶ୍ୟ ସପନ ଏଥିରେ ଭାଙ୍ଗି ପଡ଼ିନଥିଲା।

ପ୍ଲସ ଟୁ ପରେ ସପନ କୋଲକାତାରେ ଯାଇଁ ପଢିଲା ଏବଂ କିଛି ଦିନର ରହଣି ପରେ ସେ ମୈତ୍ରୀ, କାକଳି,ରୁମା ଇତ୍ୟାଦି ଝିଅଙ୍କ ସମ୍ପର୍କରେ କହିଲା। ହେଲେ ସେ ମୈତ୍ରୀ କୁ ତା ପ୍ରେମିକା ଭାବରେ ଚିତ୍ରଣ କରିବାକୁ ଚେଷ୍ଟା କରେ। ପ୍ରେମ ବିଷୟରେ ମୁଁ ତା ଠାରୁ ଆଉ ପଛକୁ ଫେରିବାକୁ ଚାହିଁ ନଥିଲି। ମୋ ଆଖିକୁ ସୁନ୍ଦର ଦିଶୁଥିବା ମିନୁ ନାମ୍ନୀ ଝିଅ ବିଷୟରେ ସପନ କୁ ସଲ୍ଲଜ ଗପିବାକୁ ଚେଷ୍ଟା କଲି। ମିନୁ ର ଫଟୋ ସେ ଦେଖିବାକୁ କହିଲା ତ ଅତି ସାଧାରଣ ଝିଅ ମିନୁ ତା ସହିତ ଫଟୋ ନେବାକୁ ଅନୁମତି ଦିଏ ନାହିଁ ବୋଲି ମୁଁ କୈଫତ ଦେଲି। ସପନ ଏଥର ନିଜ ଆଡୁ ମିନୁ ବିଷୟରେ ଜାଣିବାକୁ ଆଗ୍ରହ ପ୍ରକାଶ କଲା। ସେ ନକହିଲେ ବି ମୁଁ ବୁଝି ପାରିଲି ଏଇ ପ୍ରେମ ପାଇଁ ସେ ମୋତେ ଈର୍ଷା କରିବା ଆରମ୍ଭ କରି ଦେଇଥିଲା। ମୋ କଥାରେ କାଳ୍ପନିକ ଭଲ ପାଇବାର ରଙ୍ଗ ଭରିରହିଥିବା ବେଳେ ବାସ୍ତବତା ଠାରୁ ମୁଁ ବହୁତ ଦୂରରେ ଥିଲି ବୋଲି ତାକୁ ବୁଝିବାକୁ ଦେଇନଥିଲି।

ପ୍ରକୃତ କଥା ହେଲା ଯେଉଁ ମିନୁ କଥା ମୁଁ କହୁଥିଲି ସେ ବିବାହିତା.. !ଆଉ କାହାର ବାକଦତ୍ତା..!

କେଉଁ ଧନୀକ ଘରର ପୁଅ ମିନୁ ରୂପରେ ମୁଗ୍ଧ ହୋଇ ସେ ସ୍ନାତକ ପଢିବା ସମୟରୁ ହିଁ ବାହା ହୋଇ ଯାଇଥିଲା। ମିନୁ ମୋ ଭଳି କେତେ ସହପାଠୀଙ୍କୁ କଫି ବା ସ୍ନାକ୍ସରେ ବେଳେ ବେଳେ ଆପ୍ୟାୟିତ କରୁଥିଲା। ସେଇ ସୂତ୍ର କୁ ଆଧାର କରି ରୋଚକ କାହାଣୀ ମାନ ସପନକୁ କହିବା ଛଡ଼ା ମୋର କିଛି ଚାରା ନଥିଲା।

ହେଲେ ପି.ଜି ର ଶେଷ ଶେଷ କେଇ ଦିନ ଆଗରୁ ମୋର ଲାଇବ୍ରେରୀ ରେ ଦେଖାହେଲା ଝିଅଟିଏ। ସେଇ ଝିଅଟି ଉପରେ ସେଦିନ ଆଖି ପଡିଲା ପରେ ତା'ର ସୁନ୍ଦରତା ମୋତେ ବିମୁଗ୍ଧ କରିଥିଲା। ପ୍ରେମର ଅଙ୍କୁରଗଦୋମ ଟିଏ ଚହଟି ଉଠିଲା ମୋ ଭିତରେ।ତା ସୁନ୍ଦରତା ମୋ ଆଖିରୁ ଆଉ ହଟୁନଥିଲା। ମୋର ମନେହେଲା ତା ପଛରେ ମାଇଲ୍ ମାଇଲ୍ ଚାଲିଲେ ବି ଥକ୍କା ଲାଗିବନି।ତା ସହିତ ଅବଶିଷ୍ଟ ଜୀବନ ଅତିବାହିତ କରିପାରିଲେ ପ୍ରେମ ପାଇଁ ଥିବା ମୋର ସବୁ ଅବସୋସ ପୂରଣ ହୋଇଯିବ।

ଆପାତତଃ ପ୍ରେମ ପାଇଁ ଯୋଗ୍ୟା ଝିଅଟିଏ ମିଳିଗଲା ବୋଲି ମୁଁ ନିଜକୁ ଭାଗ୍ୟବାନ ମନେକଲି। ମନେହେଲା ସତେ ଯେମିତି ଏଇ ଝିଅର ଅପେକ୍ଷାରେ ଥିଲି ମୁଁ ଏତେ ବର୍ଷ। ମୁଁ ହଜିଯାଇଥିଲି ଅନ୍ୟ ଏକ ଦୁନିଆରେ। କିନ୍ତୁ ଏ କ'ଣ ହେଲା ଅଚାନକ ? ଲାଇବ୍ରେରୀର ପରିବେଶ ବଦଳି ଗଲା କେମିତି ?

ଭୂମିକମ୍ପ ନା ସୁନାମି..!!

ଲାଇବ୍ରେରୀଆନ ମହାଶୟ ସେଇ ଅନିନ୍ଦ୍ୟ ସୁନ୍ଦରୀ ଝିଅଟି ଉପରେ ହିଁ ପାଟି କରୁଥିଲେ। ଝିଅଟିର ଦୋଷ ଯେ ସେ ଧିରେ ପଛେ ହେଉ ଫୋନ୍ ରେ କାହା ସହିତ ଗପୁଥିଲା।

ଆରେ ଜରୁରୀ କଥା ଥିଲେ ଜଣେ କଥା ହେବ କି ନାହିଁ !! ଏଇ କାଳିଆ ଭୂଷୁଣ୍ଡା ଲୋକର ଏତେ ସାହସ ? ଝିଅଟିକୁ ଏତେ କର୍କଶ ସ୍ୱରରେ ଅପମାନିତ କରିବ ? ଇଚ୍ଛା ହେଉଥିଲା ଦେବି କି ଯାଇ ଦି' ମୁଥ ତା ମୁହଁରେ! ତା' ନାକଦଣ୍ଡା ଫଟେଇ ଦେବି କି ? କିମ୍ୱା ଗଧ ମୁହଁରେ କୃଷ୍ଣ କମ୍ୱୁ ଭର୍ତ୍ତି କଲାଭଳି, ଗୋଟିଏ ମୋଟା ବହି ତା ମୁହଁରେ ଭର୍ତ୍ତି କରିଦେବି ଯେ, ତା'ର ସେ ରୁଡିଆ କଥା ବନ୍ଦ ହୋଇଯିବ।

ଦେଖିଲି ଝିଅ ଟି କୌଣସି ଜବାବ ନଦେଇ ପଡ଼ି ବସିଲା। ପୁଣି ଟିକେ ମୁହଁ ଟେକିଲା।ସେଇ ସମୟରେ ମୋ ଉପରେ ତା'ର ଆଖି ପଡିଲା। ଛଳଛଳ ଦିଶୁଥିବା ତା ଆଖିକୁ ରୁମାଲରେ ପୋଛିଦେଲା। ଆହା ବିଚାରି! କେତେ ଆହତ ହେଲା ! ମୋ ଛାତିରୁ ତା ପାଇଁ କ୍ଷୋଭ ଜମାଟ ବାନ୍ଧୁଥିଲା।

କିଛି ସମୟପରେ ଝିଅଟି ସିଟ୍ ରୁ ଉଠିଲା।ଇସ୍ୟୁ କରି ଆଣିଥିବା ବହିଟିକୁ ଫେରେଇବାକୁ ଗଲା।

କେଡେ ଅବିବେକୀ ସତରେ ଦିବାକର ବାବୁ ନାମକ ସେଇ ଲାଇବ୍ରେରୀଆନଟି । ବହି ରଖିଲା ଭିତରେ ପୁଣି ଥରେ ଝିଅଟିକୁ ତାଗିଦ୍ କଲା ମୋବାଇଲରେ କଥା ନହେବାକୁ। ବଡ଼ ଅଜବ ଲୋକ। କେତେ ଆଉ ଦୁଃଖ ଦେବୁ ଝିଅଟି ମନରେ ?

ମୁଁ ସେତେବେଳକୁ ସିଟ୍ ଛାଡି ଠିଆ ହୋଇଥିଲି ଝିଅଟି ପଛରେ। ମୋ ପ୍ରାଣ ସତେ ବିଗଳିତ ହୋଇ ଯାଉଥିଲା।

ଆହା କେଡେ ସରଳ ନିରୀହ ଝିଅଟି ! ନରମ କଣ୍ଠରେ 'ସରି ସାର୍' କହିଲା ଏବଂ ତଳକୁ ମୁହଁ ପୋତି ଲାଇବ୍ରେରୀ ରୁ ବାହାରି ଗଲା।

ଝିଅଟିର ପଛେ ପଛେ ମୁଁ ।

ଏପଟସେପଟ ଚାହିଁ କିଛି ବାଟ ଆଗେଇଗଲା ଝିଅଟି। ପୁଣି ତା ପଛେ ପଛେ ମୁଁ। ହଠାତ୍ ବାଇକ୍ ଟିଏ ଆସି ଠିଆ ହେଲା ଝିଅଟି ପାଖରେ ଆଉ ହସି ହସି ସ୍ୱାଗତ କଲା।

ମୋ ଆଖି ଆଗର ଦୃଶ୍ୟ ଏବେ ଧୂମାୟିତ । ପଛ ପଟରୁ ଗୋଟାପଣେ ଜାବୁଡି ଧରିଥିବା ଝିଅଟିକୁ କେହି ଯେମିତି ମନପବନ ଯାନରେ ଉଡ଼ାଇ ନେଇଗଲା ତତକ୍ଷଣାତ୍..!

ଏବେ ଭାବନ୍ତୁ ତ ମୋ ମନ କଥା...!!!

*କୁଞ୍ଜବିହାରୀ ଲେନ, କଟକ*

# କାଚ଼ ଫ୍ରେମ୍



ସୁଚରିତା ମହାନ୍ତି

ଦିନଗୁଡ଼ିକ କେମିତି ବିତିବ । ପାଖରେ ଅଛି କିଏ ।ଏତେ ବଡ଼ ଘରଟା ଭିତରେ ଜଣେ ହିଁ ମଣିଷ।ସେ ପୁଣି ବୟସର ଅପରାହ୍ଣରେ ପାଦଥାପିଲେଣି।ପୁରୁଣା କାଳର କେତେ ଗୁଡ଼ିଏ କାଠରେ ନିର୍ମିତ ଆକର୍ଷିତ ପଲଙ୍କ,ଚୌକି,ଆଲମାରୀ ଇତ୍ୟାଦି ଯିଏ ଯାହା ସ୍ଥାନରେ ମୌନବ୍ରତ ଧାରଣ କରି ପଡ଼ି ରହିଥାଆନ୍ତି।କେବଳ କାନ୍ଥ ଘଣ୍ଟାଟି କଥା କହିବା କେବେ ବନ୍ଦ କରିନି ଏଯାଏ।ସେହିଁ ବୋଧେ ଏକୁଟିଆ ବୁଝି ପାରିଛି ଏକୁଟିଆ ପଣଟା କେଡ଼ ନିଷ୍ଠୁର।

ସେଇଥିପାଇଁ ତ ଟିକ୍ ଟିକ୍ କରି କୁଡ଼ କୁଡ଼ ନୀରବତାକୁ ଭାଙ୍ଗି ଦିଏ ତା'ର ସୁକ୍ଷ୍ମ କଣ୍ଠରେ ।ଘରର ମାଲିକ ପ୍ରଦୀପ୍ତ ବାବୁ ।ଏବେ ଏକୁଟିଆ ।କିଏ ଅଛି ଯେ ପାଖରେ ରହିବ ।ଅଧା ବାଟରେ ଅତି ଆପଣାର ମଣିଷ ଧର୍ମ ପତ୍ନୀ କବିତା ହାତ ଛାଡ଼ି ଆରପାରିକୁ ଚାଲିଗଲେ।ଯାହାଙ୍କର ହାତଧରି ଚିରଦିନ ଦୁଃଖସୁଖର ସାଥୀ କରି ଆଣିଥିଲେ ସେ ଅଦିନରେ ଚାଲିଯିବା ପ୍ରଦୀପ୍ତ ବାବୁଙ୍କୁ ବହୁତ ଆଘାତ ଦେଇଥିଲା ।ପିଲାମାନେ ପାଠଶାଠ ପଢ଼ାପଢ଼ି ସାରି ଭଲ ଚାକିରି ପାଇ ବିଦେଶୀ ସାଜିଲେ।ଏତେ ଦୂର ଯିବାଆସିବାକୁ ଆଉ କେହି ମଙ୍ଗିଲେନି ।ମା'ର ଏକାଦଶାହ ପରେ ଯାଇଛନ୍ତି ଯେ ଆଉ ଫେରିବାକୁ କାହାର କେବେ ଇଚ୍ଛା ହୋଇନାହିଁ। ଦେଖୁ ଦେଖୁ ଏହାରି ଭିତରେ ଦୁଇବର୍ଷ ବିତିଗଲାଣି।ଦୁଇ ପୁଅ ପାଠ ପଢ଼ିବା ସମୟରେ କବିତା ଦେବୀ କହୁଥିଲେ,ବୁଝିଲ ଏ ପିଲା ଦୁହେଁ ଚାକିରି ପରେ ଆମ ପାଖରେ ରହିବେ କି ନା ମୁଁ ଜାଣିନି, କିନ୍ତୁ ଆମେ ଦୁହେଁ ଏମିତି ପାଖାପାଖି ସବୁବେଳେ ଥିବା । ଦୁହେଁ ଦୁହିଁଙ୍କଠାରୁ କେବେ ଅଲଗା ହେବାନି। ପ୍ରଦୀପ୍ତ ବାବୁ ହସିହସି କହୁଥାନ୍ତି,ତାହା କେମିତି ସମ୍ଭବ।

ମୁଁ ତମଠାରୁ ବଡ଼ ତେଣୁ ମୁଁ ଆଗେ ଯିବି ତମେ ପିଲାମାନଙ୍କ ସହିତ ରହିବ ।

ଏକଥା ଶୁଣି କବିତା ଦେବୀ ଚିଡ଼ି ଯାନ୍ତି ।ଘର ଭିତରକୁ ପଶିଯାଇ କାନ୍ଦିବାକୁ ଆରମ୍ଭ କରନ୍ତି, ପୁଣି ପ୍ରଦୀପ୍ତ ବାବୁ ହସିହସି ତାଙ୍କ ପାଖରେ ବସି କେତେ କଥା କହି ତୁନି କରାନ୍ତି। ତାଙ୍କ ମାନ,ଅଭିମାନ ରାଗ ରୋଷ ଏମିତି ସବୁବେଳେ ଚାଲିଥାଏ।

ବେଶ୍ ହସଖୁସିରେ ସମସ୍ତେ ସମୟ ସହିତ ପାଦ ମିଳାଇ ଜୀବନ ରଥକୁ ଆଗକୁ ନେଉଥିଲା ବେଳେ କବିତା ଦେବୀ ଅହିସୁଲକ୍ଷଣୀ ହୋଇ ଆରପାରିକୁ ଚାଲିଗଲେ।

ଘର ବାହାର,ବାହାର ଘର ଏମିତି ହେଉଥାନ୍ତି ପ୍ରଦୀପ୍ତ ବାବୁ।

ଦିନେ ସକାଳେ ତାଙ୍କୁ ଭାରି ବ୍ୟତିବ୍ୟସ୍ତ ଲାଗୁଥାଏ।ଭାବିଲେ ବଡ଼ ପୁଅକୁ ଫୋନ୍ କରି କହିବେ କିଛି ଦିନ ପାଇଁ ଛୁଟି ନେଇ ଆସି ରହିବ ।ଘରେ ପୁଅ ବୋହୂ ନାତିନାତୁଣୀଙ୍କ ସାଙ୍ଗରେ କିଛିଦିନ ରହିଲେ ତାଙ୍କୁ ଭଲ ଲାଗିବ।

ଚା' କପେ କରି ଆଣି ପିଉ ପିଉ ଫୋନ୍ ଲଗେଇଲେ ବଡ଼ ପୁଅ ପାଖକୁ।

କିଛି ସମୟ ରିଂ ହୋଇ କଟିଗଲା। ପୁଣି ଆଉ ଥରେ ଫୋନ ଲଗେଇଲେ, ସେପଟରୁ ନାତୁଣୀ ଫୋନ୍ ଧରି ଗୁଲୁଗୁଲିଆ ପାଟିରେ କହିଲା,ଜେଜେ ତମେ କ'ଣ କରୁଚ।

ପ୍ରଦୀପ୍ତ ବାବୁ ଅତ୍ୟନ୍ତ ଖୁସିରେ ବିଭୋର ହୋଇ ନାତୁଣୀର କଥା ଶୁଣୁ ଥାନ୍ତି।ଆଖି କୋଣରେ ଲୁହ ଜକେଇ ଆସୁଥାଏ।ହଠାତ୍ ପୁଅ ଆସି ଫୋନଟି ଝିଅ ପାଖରୁ ନେଇ କହିଲା ବାପା ଆପଣ । ଚୁପ୍ ଅଛନ୍ତି କିଛି କହୁନାହାନ୍ତି କାହିଁକି।ପ୍ରଦୀପ୍ତ ବାବୁ କହିଲେ, ନାଇଁ ରେ, ସେମିତି କିଛି ନାହିଁ।ତୋ ଝିଅର ଜେଜେ ଡାକ ଶୁଣି ମୋ ଆଖିରେ ଲହ ଚାଲିଆସିଲା ମୁଁ ଖୁସିରେ କିଛି କହିପାରିଲିନି ।ବାବୁରେ ତମ ବୋଉ ଯିବା ପରେ ମୋତେ ଆଉ କିଛି ଭଲ ଲାଗୁନି।ତମେ ମାନେ ଆସ କିଛି ଦିନ ବୁଲାବୁଲି କରି ଯିବ।

ପୁଅ କିଛି ସମୟ ନିରବ ରହିଲା। ପ୍ରଦୀପ୍ତ ବାବୁ ପଚାରିଲେ କିରେ କ'ଣ ହେଲା।କ'ଣ ଅସୁବିଧା ହୋଇଛି କି। ପୁଅ କହିଲା ନା ବାପା ସେମିତି କିଛି ଅସୁବିଧା ନାହିଁ ହେଲେ ।ପ୍ରଦୀପ୍ତ ବାବୁ କହିଲେ, ଆରେ ହେଲେ ପୁଣି କ'ଣ।ତମ ମାନଂକର ଘର, ତମେ ଆସିବ ସେଥିରେ ହେଲେ ପୁଣି କ'ଣ।ବାପା ମୁଁ ଜାଣେ ସେ ଘର ଆମର, ଏବେ ଘରକୁ ଯିବା ସମ୍ଭବ ନୁହେଁ। ବହୁତ କାମ ଅଛି।ସାନକୁ କୁହନ୍ତୁ, ସେ ତା' ପିଲାଛୁଆଙ୍କୁ ଧରି ଘରେ ବୁଲି ଆସୁ। ନ'ହେଲେ ଆପଣ ଆମ ପାଖରେ ଆସି ରୁହନ୍ତୁ।ହଁ ବାବୁ ଠିକ୍ କହିଚୁ କିନ୍ତୁ ତୋ ବୋଉକୁ ଛାଡ଼ି ମୁଁ କୁଆଡ଼ ? ଯିବି ।ସେ ପରା ସକାଳୁ ସଞ୍ଜ ମୋତେ ନଦେଖିଲେ ଅଭିମାନ କରିବ,କାନ୍ଦିବ।ସେ କ'ଣ ମୋତେ ଛାଡ଼ି ଏଘରେ ରହିପାରିବ ।ବାପା ଆପଣଙ୍କ ଇଚ୍ଛା ଯାହା କରନ୍ତୁ, ମୁଁ ଏବେ କୌଣସି କଥା ବୁଝିବା ପରିସ୍ଥିତିରେ ନାହିଁ।ପ୍ରଦୀପ୍ତ ବାବୁ କିଛି କହିବା ପୂର୍ବରୁ ଫୋନ୍ କଟିଯାଇଥିଲା ।ପ୍ରଦୀପ୍ତ ବାବୁ ଆଉ ଥରେ ଫୋନ୍ କଲେ କିନ୍ତୁ ଲାଭ କ'ଣ।ମନ ବୁଝୁନଥିଲା ସାନ ପୁଅକୁ ଫୋନ୍ ଲଗେଇଲେ।

ସାନ ପୁଅ ଫୋନ୍ ଧରି କହିଲା, ବାପା ପ୍ରଣାମ। ଆପଣ କେମିତି ଅଛନ୍ତି। ପ୍ରଦୀପ୍ତ ବାବୁ ଭାରି ଭାରି କଣ୍ଠରେ କହିଲେ,ହଁ ରେ ବାପା ଭଲ ଅଛି।ତୁ ଓ ବୋହୂମା ସମସ୍ତେ କେମିତି ଅଛ । ହଁ ବାପା ଭଲ ଅଛୁ ।ଆପଣ କୁହନ୍ତୁ କାହିଁକି ଫୋନ୍ କରିଥିଲେ।

ପ୍ରଦୀପ୍ତ ବାବୁ ଭାବୁଥାନ୍ତି, ବଡ଼ ପୁଅ ଭଳି ସାନ ପୁଅ ଯଦି ଆସିବାକୁ ମନା କରିଦେବ ।ନାଇଁ ଥାଉ ତାକୁ ଆସିବାକୁ କହିବିନି।

କହିଲେ,ଏମିତି ଫୋନ୍ କରିଥିଲି। ତମମାନଙ୍କ ଭଲମନ୍ଦ ବୁଝିବାକୁ।

ତୋ ବୋଉ ଯିବା ପରେ ତମମାନଙ୍କ କଥା ବୁଝିବା ମୋ ଦାୟିତ୍ୱ ସେଥିପାଇଁ ଫୋନ୍ କରିଥିଲି।ଏତକ କହି ପ୍ରଦୀପ୍ତ ବାବୁ ଫୋନ୍ କାଟିଦେଲେ ।

ଚୌକିରୁ ଉଠିଯାଇ ସିଧା ଚାଲିଲେ କବିତା ଦେବୀଙ୍କ ଫୋଟୋ ଚିତ୍ର ପାଖକୁ।କାନ୍ଥରେ ନିର୍ଜୀବ ବସ୍ତୁ ସାଜି ଓହଳିବା ବ୍ୟତୀତ ତାଙ୍କର ଆଉ କ'ଣ ସମ୍ବଳ ଅଛି।ଆଶ୍ୱାସନା ଦେବାକୁ ଶକ୍ତି ଅଛି ନା ସାମର୍ଥ୍ୟ।ବୁଝିଲ କବିତା ଏଇ କାଚ଼ ଫ୍ରେମ୍ ବୁଝି ଥାଏ ଜୀବନର ମୂଲ୍ୟ। ସେଇଥିପାଇଁ ତ ଦେଖୁନ ତମେ କେତେ ଖୁସିରେ ତା' ଭିତରେ ଅଛ।

ପ୍ରଦୀପ୍ତ ବାବୁ କହୁଥାନ୍ତି,ଦେଖିଲ କବିତା ତମ ପିଲାଙ୍କୁ।ମୁଁ କିମ୍ୱା ଏ ଘର ଆଉ କାହା ପାଇଁ କ'ଣ ଲୋଡ଼ା ।ତମେ ଆଗ ଚାଲିଗଲ ମୋତେ ଏକୁଟିଆ କରିଦେଇ ।ବୋଧେ ତମ ପୁଅମାନଙ୍କ କଥା ତମକୁ ଜଣାଥିଲା।ଏ ଜୀବନଟା ତମ ବିନା କେମିତି ବଞ୍ଚି ରହିବ କହିପାରିବ କବିତା ।କ'ଣ ହେବ ଏତେ ବଡ଼ ଘର। ଯାହାଙ୍କ ପାଇଁ ଏତେ ସ୍ୱପ୍ନ ଦେଖିଥିଲ ,ସେମାନେ କାହିଁ କେତେ ଦୂରକୁ ଉଡ଼ି ଯାଇଚ଼ନ୍ତି।ନୂଆ ନୀଡ଼ ତିଆରି କରି ଭୁଲି ଯାଇଚ଼ନ୍ତି ସେ ପୁରୁଣା ଗଛ,ଡାଳ,ତା' ଛାଇ ଓ ପତ୍ରକୁ।ପକ୍ଷୀ ଉଡ଼ିଗଲା ପରେ ଆଉ କ'ଣ ତାକୁ ଭରସା ଅଛି କବିତା।ନୂଆ ଦୁନିଆ ନୂଆ ନୂଆ କଥା ଭିତରେ ଏ ପୁରୁଣା ବୁଢ଼ାଟା କାହାର କି କାମରେ ଆସିବ।ଆଉ ତିଳେ ମାତ୍ର ଇଚ୍ଛା ନାହିଁ ଏଠି ରହିବାକୁ।କବିତା ଦେବୀ ଖୁବ୍ ନିରବରେ ପ୍ରଦୀପ୍ତ ବାବୁଙ୍କୁ ଚାହିଁ ରହିଥାନ୍ତି କାଚ଼ ଫ୍ରେମ୍ ଭିତରୁ।

*ବାରିପଦା, ମୟୂରଭଞ୍ଜ*

*୮୯୧୭୫୭୧୨୦୨*

## ନିନ୍ଦିତ ନିଦାଘ

*ରତ୍ନକାନ୍ତି ମିଶ୍ର*



ସମୟ ଗଡୁଥାଏ
ଖରା ବଢୁଥାଏ
ବହୁଥାଏ ତତଲା ପବନ
ହୃଦ ଯେବେ ହୁଏ
ମୁଠାଏ ଟୁକୁଡା କାଗଜ
ଇତସ୍ତତଃ ଉଡୁଥାଏ
ପୋଡିଗଲା ମନ
ପାଚେରୀ ଉପରେ
ପେନ୍ଥା ପେନ୍ଥା କାଗଜ ଫୁଲ
ଅଥଚ଼ ଅଚାନକ ଅନ୍ତରହିତ
ତା'ର ବର୍ଣ୍ଣବିଭା
ବୋଧହୁଏ
ରୌଦ୍ରର ଅଦଉତିରେ
ଚୁନା ତା'ର ସାଇତା ସପନ
ନିଦାଘର ଖର ନିଃଶ୍ୱାସରେ
ନିଃଶେଷ ରାତ୍ରିର ବିଭୋର ପଣ
ହଜିଯାଏ ଜହ୍ନର ଠିକଣା
ଅପସରି ଯାଏ
ତା'ର ମିଠା କିରଣ
ଥୁଣ୍ଟା ଗଛର ଶାଖାରେ
ଏକାକୀ ପକ୍ଷୀ
ସତେ ମୁହ୍ୟମାନ
କେତେବେଳେ ହଜିଯାଇଛି
ତା'ର ପ୍ରେମର ଫଗୁଣ
ତା'ର ପହିଲି ପରଶ
ସ୍ମୃତିରେ ଯାହା ଆସେ ଅକାରଣ

*ଆଳି, କେନ୍ଦ୍ରାପଡା*

## ମନ ହେଉନାହିଁ ତୋଷ

*ନିରଞ୍ଜନ ସାହୁ*



ଯେତିକି ଯେତିକି ଲେଖା ମୁଁ ଲେଖିଛି
ସେତିକି ବଢିଛି ଶୋଷ
ଏତିକି ଲେଖାରେ ଅଟକି ଯିବାକୁ
ମନ ହେଉନାହିଁ ତୋଷ ।
ଆଖିରେ ନାଚୁଛି କାଗଜ କଲମ
ମନରେ ଭାବନା ଆସେ
ବାଧ ହୋଇ ମୁହିଁ ବସି ଯାଇଥାଏ
ଲେଖିବା ଜାଗାର ପାଶେ
ନ ଲେଖିବାର ଚାରା ନାହିଁ ମୋର
ନ ଲେଖିଲେ ହେବ ଦୋଷ ।
ଲେଖା ଯେତେବେଳେ ଆନମନା କରେ
ମନା କରିପାରେ ନାହିଁ
ଶବ୍ଦମାନେ ଆସି ଉଚ୍ଚାଟ କରନ୍ତି
ଆଦରେ ତାହାଙ୍କୁ ଚାହିଁ
କେମିତି କହୁନ ଦୂରେଇ ଦେବି ମୁଁ
ସେମାନେ ବହିବେ ରୋଷ ।
ଲେଖିବା ପାଇଁ ମୁଁ ବାଧ ହୋଇଥାଏ
ଶବ୍ଦ ସଂଯୋଜନା କରି
ଶବ୍ଦ ସଂଯୋଗରେ ଲେଖାଟେ ଉତୁରେ
ମୋର ପରିଚୟ ଧରି
ଲେଖୁଲେଖୁ ଜଣେ ଲେଖକ ହେଲିଣି
ଜାଣିଛନ୍ତି ଚାରିକୋଶ ।

*ନିହଳ ପ୍ରସାଦ,ଗଁଡିଆ ପାଟଣା*
*ଢେଙ୍କାନାଳ-୭୫୯୦୧୬*

## ଭଲ ପାଇବାର ସ୍ୱର

*ଶୁଭଶ୍ରୀ ଦାଶ*



ଚାଲ ମେଘ ହୋଇ ବର୍ଷିଯିବା
ଗାଆଁ,ବସ୍ତି,ରାଜ ରାସ୍ତା,
ହିଂସା,କ୍ରୋଧରେ ଜଳୁଥିବା ମଣିଷ,
ଯୁଦ୍ଧ ଭୂମିର ଉତ୍ତପ୍ତ ଲାଭା,
ସବୁଠି ପ୍ରେମର ଚିହ୍ନ ଛାଡ଼ିଯିବା ।
ଚାଲ କବିତା ହୋଇ ବହିଯିବା
ଜରା,ବ୍ୟାଧି ,ଈର୍ଷା,
ପରଶ୍ରୀକାତରତା
ତୋ'ର,ମୋ'ର ,
ବିବାଦ, ହୀନମନ୍ୟତା
ମାଟିରୁ ଅଙ୍କୁରି
ଆସୁଥିବା ଘୃଣାର ବୀଜ
ସଭିଙ୍କୁ ଛୁଇଁ ଯିବା ।
ଆସ ! ପୃଥିବୀ ର କଡ଼
ଲେଉଟାଇ ଦେବା
ପ୍ରେମ ତକ ବାଛିରଖି ,
ମିଛ ସୁଆଙ୍ଗ ସବୁକୁ ଫୁ
କରି ଉଡ଼େଇ ଦେବା
ପବନରେ ବିଞ୍ଚିଦେବା ଆପଣା ପଣ
ସମୁଦ୍ରର ଜୁଆର ପରି
ଭଲପାଇବା କୁ ଜାବୁଡ଼ି ଧରି
ରାଗ ରୋଷ କୁ ଅନ୍ଧାର ସେପଟେ ପାରି
କରିଦେବା ।

*ଶ୍ରୀକଣ୍ଠପୁର,ବାଲେଶ୍ୱର*

## ଓଢଣୀ



ଆମ ସଂସ୍କୃତିରେ ନାରୀର ମର୍ଯ୍ୟାଦା
ସମାଜରେ ପୂଜାପାଏ
ନାରୀର ସ୍ୱଭାବ ବସ୍ତ୍ର ଆଭୂଷଣ
ସଭିଂକ ପ୍ରାଣକୁ ଛୁଏଁ।
ଶାଢୀ ପଣତରେ ମୁଣ୍ଡର ଓଢଣୀ
ନାରୀର ଗାରିମା କୁହେ
ଶାଶୁଘର ଗଲେ ଝିଅ ହୁଏ ବୋହୂ
ଓଢଣୀ ତା'ଶିରେ ଶୋହେ।
ଓଢଣୀ ଅଟଇ ନାରୀ ଜୀବନର
ବହୁମୂଲ୍ୟ ଆଭୂଷଣ
ଯେଉଁ ନାରୀ ତାକୁ ତୁଚ୍ଛ ମଣିଥାଏ
ଦୁଃଖେ ହୁଏ ମ୍ରିୟମାଣ।
ପୂଜା କାଳେ ଯିଏ ମୁଣ୍ଡରେ ଓଢଣୀ
ଦେଇ ପୂଜେ ଦେବାଦେବୀ
ତା' ଜୀବନେ ଆସେ ଖୁସିର ଜୁଆର
ବିଘ୍ନ ଯାଏ ଦୂରେ ଛପି।
ପତିବ୍ରତା ନାରୀ ବେଶ ଓ ଭୂଷାରେ
ଛୁପି ରହିଥାଏ ତ୍ୟାଗ
ଓଢଣୀ ବଢାଏ ନାରୀର ସମ୍ମାନ
ବାଣ୍ଟେ ସ୍ନେହ ଶ୍ରଦ୍ଧା ଭାବ।
ଆମରି ପୁରାଣ ଶାସ୍ତ୍ରରେ ବର୍ଣ୍ଣିତ
ଓଢଣୀର ମହାନତା
ଭାରତ ଭୂଇଁରେ ନାରୀଂକ ପରାଣେ
ଦିଶେ ତା'ର ପବିତ୍ରତା।
ଓଢଣୀ ନୁହଁଇ ଲୋକଦେଖା ଭାବ
ସେ'ତ ନାରୀ ଅଭିମାନ
ଭଗିନୀ,ଜନନୀ ଅବା ଅର୍ଦ୍ଧାଂଗିନୀ
ରଖନ୍ତୁ ତାହାର ମାନ।

*ତେନ୍ତୁଳିପଦା,ଜଗତସିଂହପୁର*
*ମୋ-୭୩୫୫୬୩୪୩୪୬*

## ଆମ ଅଙ୍କ ସାର୍ ବହୁତ କଡ଼ା

*ସୁନୀଲ କୁମାର ପ୍ରଧାନ*



ପାଠନ ପଢ଼ିଲେ ହୁଅନ୍ତି ଚିଡ଼ା
ତାଙ୍କରି କଥା ବହୁତ କଡ଼ା ।

ଆମ ଅଙ୍କ ସାର୍ ବହୁତ କଡ଼ା
ସ୍କୁଲକୁ ଡେରିରେ ଯେବେ ପହଞ୍ଚୁ
ରାଗରେ ଆମକୁ ଦେଇ ତଡ଼ା ।

ଆମ ଅଙ୍କ ସାର୍ ବହୁତ କଡ଼ା
କହନ୍ତି ପଢ଼ିଲେ ହୋଇବ ଦିନେ
ନିଜ ଗୋଡରେ ହୋଇବ ଛିଡା ।

ଆମ ଅଙ୍କ ସାର୍ ବହୁତ କଡ଼ା
ତଥାପି ଭୁଲ୍ ?କୁ କ୍ଷମା ଯେ କରନ୍ତି
ମନରେ କେବେ ନଦେଇ ପୀଡ଼ା ।

ଆମ ଅଙ୍କ ସାର୍ ବହୁତ କଡ଼ା
ତାଙ୍କ ଲାଗି ଆମେ ଇସ୍କୁଲ ଯାଉ
ଭଲ ଲାଗଇ ତାଙ୍କରି ପଢ଼ା ।

ଆମ ଅଙ୍କ ସାର୍ ବହୁତ କଡ଼ା
ତାଙ୍କ ଆଶିଷ ରହୁ ଆମଠାରେ
ଏତିକି ଆମ ପାଇଁକି ଲୋଡା ।

ଆମ ଅଙ୍କ ସାର୍ ବହୁତ କଡ଼ା
ତାଙ୍କରି ପରିକା ଗୁରୁ ପାଇଲେ
ଛାତ୍ର ଜୀବନ ହୁଅଇ ଗଢ଼ା ।

*ଝାଟିପଦର, ପାଲୁର , ଗଂଜାମ*
*ମୋ - ୭୬୦୯୯୩୪୩୬୬*

## ଧୂଳି

*ଆଦ୍ୟାଶା ମହାପାତ୍ର*



ଯଦିଓ ତାଙ୍କର ନାହିଁ ତୁମ ପରି
ଅର୍ଥ,କ୍ଷମତା ,ପ୍ରତିପତ୍ତି
ତଥାପି ତୁମେ ଅସ୍ୱୀକାର
କରିପାରିବ କି
ସେମାନଙ୍କ ଉପସ୍ଥିତି ?
ତୁମେ ସିନା ସ୍ୱାର୍ଥନ୍ୱେଷୀ,
ସର୍ବଗ୍ରାସୀ
ସେମାନେ ପରା ସର୍ବଂସହ,
ସର୍ବବ୍ୟାପୀ
ସେମାନଙ୍କୁ ନିଶ୍ଚିହ୍ନ କରିବା
ମସୁଧାରେ
ତୁମ ସମ୍ଭୋଗର ଚିକମିକ
ଚଟାଣ କୁ
କରୁଥିଲେ ବି ବାରମ୍ବାର ପରିଷ୍କାର
ସେମାନେ ତାଙ୍କ ଅସ୍ତିତ୍ୱକୁ
ଜାହିର କରିଆସିଛନ୍ତି ସର୍ବକାଳ

ସେମାନେ ଯୁଗ ଯୁଗ ଧରି
ତୁମ ହୀନ ସ୍ୱାର୍ଥର ପାଦତଳେ
ହେଉଥାନ୍ତି ନିଷ୍ପ ?ସିତ
ଆକ୍ରାମାକ୍ରା ହୋଇ ପାଲଟନ୍ତି ଧୂଳି
ତହିଁ କି ତିଳେ ନିଘା ଅଛି କାହାରି ?


କାଇଦା କରି କବଜା
କରିଆସୁଥିଲେ ବି
ସେମାନଙ୍କ ଯତ୍ କିଞ୍ଚିତ ଧନ,ଫସଲ
ଶ୍ରମ, ଲୁହ, ଲହୁ, ସ୍ୱପ୍ନ, ଜୀବିକା
ପରିତୃପ୍ତି ହୋଇଛି କି ତୁମ
ଲୋଭାତୁର ମନ ?
ଅଥଚ଼ ସେମାନଙ୍କ
ଅସହାୟତା ର ଡ଼ିଙ୍କି ରେ
ତୁମେ କୁଟି ଚାଲିଛ
ସେମାନଙ୍କ ଭେକ,ଭୋକ,ଭୋଗ
ତହିଁରୁ ଶବ୍ଦାୟିତ ହେଉଥିବା
ଦାରୁଣ କରୁଣ କ୍ରନ୍ଦନ
ଶୁଣି ପାରେ କି ତୁମ କାନ.. ?

ମନେରଖ
ତୁମ ପାଦତଳ ଧୂଳି ବି
ଖସାଇ ଦେଇ ପାରନ୍ତି ତୁମ ପାଦ
ବିରୁଡି ପରି ଦଂଶି ବି ପାରନ୍ତି
ତୁମ ଆଖି କାନ..!
କେବଳ ସୁଯୋଗକୁ ଅପେକ୍ଷା
ତୁମ ପାଇଁ ଆଙ୍କୁଛନ୍ତି ସେମାନେ
ନିଆରା ନକ୍ସା ଚିତ୍ର
ଧୂଳିସାତ୍ କରିବାକୁ
ତୁମ ପ୍ରହସନ...!!!

*ନୂଆପଡା ,କଟକ*

## ନୀଡ଼ଭଙ୍ଗା ପକ୍ଷୀ

*ସୁଧାକର ରାଉତ*



ଉଦାସୀ ଆଖି ଚାହିଁଛି
ଚାତକ ପରାୟେ
ତୁମକୁ କରି ପ୍ରତୀକ୍ଷା
ନୀରବ ଓଠ ତ ପିଇସାରିଛି
କାମନା ବାସନା ର ବାରିଧାରା ।
ଆଉ ନିଃଶ୍ୱାସରେ ଭରି
ଅଖଣ୍ଡ ବିଶ୍ୱାସ
କଣ ମାଗିବି ପୁଣି
ଅନୁରାଗର ଭିକ୍ଷା ?
ଜୀବନତ ପ୍ରତିଶ୍ରୁତି ଦେଇଥିଲା
ଦେବାପାଇଁ ଆକାଶସାରା ସୁଖ ।
ଆଉ ତୁମେ ଇସାରାରେ କହିଥିଲ
ସ୍ନିଗ୍ଧତାର ଜହ୍ନ ଆଲୁଅ ରେ
ଧୋଇଦେବ ମୋର ଇହକାଳ
ଏବେ ଜହ୍ନ ପିଠିରେ
ଅମାବାସ୍ୟା କୁ ଦେଇଛ ବସେଇ
ମୋ ପ୍ରୀତି ଫୁଲକୁ ବି
ସମୟ ସୁଅରେ ଦେଇଛ ଭସେଇ
ଆଉ କଣ ଅଛି
ଭଙ୍ଗାନୀଡ ମନରେ
ତୁମ ପାଇଁ ପୁଣି କରିବି ତିଆରି
କେଉଁ ନିରୁଦ୍ଦିଷ୍ଟ ଆଶାରେ ।

*ପ୍ରତାପ ନଗରୀ, କଟକ*
*ମୋ - ୮୨୪୯୯୩୨୭୯୨*

## ବେଳାଭୂମି


*ଡଃ ନାରାୟଣ ଚନ୍ଦ୍ର ସେନାପତି*



ଲାଗନ୍ତା କି କାଳିଆର ଡୋରି
ଯାଆନ୍ତି ପୁରୀ
ଦେଖନ୍ତି ଶ୍ରୀମୁଖ ଥରେ
ହାତକୁ ହାତ ଛନ୍ଦି ବୁଲନ୍ତି ତୁମ ସାଥିରେ
ସାଉଁଟି ସୁଖର ଢେଉ
ଲେଖନ୍ତି ଆମ ପ୍ରଣୟର ଇତିହାସ
ସେଇ ଶାନ୍ତ ଶୀତଳ ସାଗରର କଥାକୁହା
ବେଳା ଭୂମିରେ।
ଦୁଷ୍ଟ ପ୍ରଭଞ୍ଜନର ଧକ୍କାରେ
ଇତସ୍ତତଃ ହେଉଥିବା ତୁମ ସୁନ୍ଦର
କେଶକୁ
ସଜାଡି ଦିଅନ୍ତି ମୋ ସରାଗି ହାତରେ
ଆଉ କରନ୍ତି କେତେ ପ୍ରେମାଳାପ
ତୁମକୁ ଚିଡ଼ଇ ଚିଡ଼ଇ
ବସି ସେଇ ପ୍ରେମର
ଅଭ୍ୟର୍ଥନା ଦେଉଥିବା
ଅନ୍ତରଙ୍ଗ ବାଲୁକା ଶଯ୍ୟାରେ।
ପାଦକୁ ଛୁଇଁ ନିମନ୍ତ୍ରଣ
ଦେଉଥିବା ଚଗଲି ଢେଉକୁ
ଦିଅନ୍ତି ସାନ୍ତ୍ୱନା ପହଞ୍ଚି
ତା ମା ' କୋଳରେ
ତୁମ ହାତ ଧରି ସ୍ଥିର ରହି କହନ୍ତି ଯା
ଚାଲିଯା ଆମ ଉପରେ
ତୁମ ଆଶଙ୍କା କୁ ଦୂରେଇ ଦିଅନ୍ତି
ସ୍ଥାନ ଦେଇ ତୁମ ମଥାକୁ
ମୋ ଉଦାର ଛାତିରେ
ଭିଜା ଦେହରେ ଉଠାନ୍ତେ
କେଇଟି ଫଟୋ
ସେଇ ସରଳ ନିରୀହ ଓଟ ସାଥିରେ
କେଇଟୋପା ଟପ୍ ଟପ୍ ଲୁଣି ଜଳକୁ
ଦିଅନ୍ତେ ଅଜାଡ଼ି
ସେଇ ଆଦରଣୀୟା ବେଳାଭୂମିରେ।
ବେଳାଭୂମି କାନ୍ଦନ୍ତା କଇଁ କଇଁ
ଆମ ବିଦାୟ ବେଳାରେ
ଚାହିଁ ରହିଥାନ୍ତା ଆମ ବିଶ୍ରାମସ୍ଥଳୀ
ପାନ୍ଥଶାଳା କୁ
ଏକ ଲୟରେ ଆକୁଳରେ
ମନେ ମନେ କହୁଥାନ୍ତା
ଆସିବରେ ଦୁହେଁ ହାତ ଧରା ଧରି
ହୋଇ
ମୋ ବାଲି କୁଡ଼ିଆକୁ
ନେଇ ଜଗାର ଆଶିଷ
ନିଦାଘ ସଞ୍ଜରେ
ନ ହେଲେ ଶୀତ ସକାଳରେ।

## ସବୁଠି ତୁମେ ହିଁ ତୁମେ...

*କବିରତ୍ନ ନୂତନ କୁମାର ବେହେରା*




ବୁଝି ପାରୁ ନଥିଲି ମନର ଭ୍ରମେ
ଏବେ ସବୁ କିଛି ଜାଣୁଛି କ୍ରମେ କ୍ରମେ
ପଡ଼ି ଯାଇଛି ମୁଁ ତୁମ ପ୍ରେମେ
ଆଖି ଖୋଲି ରଖିଲେ ଅବିରାମେ
ଅବା ବନ୍ଦ କଲେ ଆରାମେ
ସବୁଠି ଦେଖୁଛି ତୁମେ ହିଁ ତୁମେ...
ଶୁଣିଥିଲି କାନେ ଅନେକଙ୍କ ନାମେ
ପଢ଼ିଥିଲି ଉପନ୍ୟାସର ପାଠ୍ୟକ୍ରମେ
ଏକ ପଲକେ ପ୍ରେମ ହୁଏ ମରମେ
ଏବେ ଅନୁଭବ କରେ ନୀତି ନିୟମେ
ଶାରୀରିକ ମାନସିକ ପରିଶ୍ରମେ
ସବୁଠି କେବଳ ତୁମେ ହିଁ ତୁମେ...
ମୋ ବକ୍ଷରେ ତୁମେ ଲକ୍ଷ୍ୟରେ ତୁମେ
ଭାବନାରେ ତୁମେ ରଚ଼ନାରେ ବି ତୁମେ
ତୁମେ ଅଛ ପ୍ରତିଟି ପରିଣାମେ
ଶବ୍ଦରେ ତୁମେ ଅବ୍ଦରେ ମଧ ତୁମେ
ଅଛ ଜୀବନର ପ୍ରତିଟି ମାଧମେ
ସବୁଠି ରହିଛ ତୁମେ ହିଁ ତୁମେ...
ତୁମକୁ ଭୁଲିବା ଅସମ୍ଭବ ଏ ଜନମେ
ଆତ୍ମାରେ ଏକାତ୍ମା ହୋଇ ଯାଇଛ ତୁମେ
ପବିତ୍ର ବନ୍ଧନେ ରହିଛି ତୁମ ପ୍ରେମେ
ଫୁଲ ଫଳ ତୁମେ ସଂପର୍କର ମହାଦ୍ରୁମେ
ତୁମେ ମୋ ନିଜର ଏ ଧରାଧାମେ
ସବୁଠି ଦିଶୁଛ ତୁମେ ହିଁ ତୁମେ...

*କୋହି,ବାରିପଦା,ମୟୂରଭଞ୍ଜ,*
*ଦୂରଭାଷା --*
*୮୦୧୮୩୫୩୩୨୨*




# ବିଶ୍ୱାସ ଯେଉଁଠି ପ୍ରେମ ସେଇଠି

***ତୁମେ ଯଦି ତୁମ ହୃଦୟ ମନ୍ଦିରରେ ମୋର ଦୈବତ୍ୱ ପ୍ରତି ଅଟ□ଳ ବିଶ୍ୱାସକୁ ସ୍ଥିର ରଖିପାର ତେବେ ମୋର ସ୍ୱସ୍ୱରୂପ ଦର୍ଶନ ପାଇପାରିବ। କିନ୍ତୁ ତୁମେ ଯଦି ଘ□ାର ଦୋଳକ ପରି ଥରେ ଭକ୍ତି ଓ ଥରେ ଅବିଶ୍ୱାସ ମଧ୍ୟରେ ଝୁଲୁଥାଅ, ତେବେ କେବେ ମୋର ସତ୍ୟକୁ କଳନା କରି ସେଥିରୁ ଲବ୍ଧ ଆନନ୍ଦ ପାଇପାରିବ ନାହିଁ। -ବାବା***




ଏ ମୋର ପିତା, ଏ ମୋର ଜନ୍ମଦାତ୍ରୀ ମାତା ଏହାକୁ ବିଶ୍ୱାସ କରିବା ପାଇଁ ଆମେ କୌଣସି ଚାକ୍ଷୁସ ପ୍ରମାଣ ଖୋଜିନେ। ତାଙ୍କର ଅନାବିଳ ପ୍ରେମର ସ୍ପର୍ଶ ଓ ଛାୟାର ବେଷ୍ଟନୀରେ ଯେବେ ଆମେ ବଢ଼ିଚାଲୁ ଆମର ବିଶ୍ୱାସ ଆମର ଶ୍ୱାସ ଭଳି ଅଟଳ ହୋଇଉଠେ। ସେ ବିଶ୍ୱାସ ପ୍ରଶ୍ନର ବହୁତ ଉର୍ଦ୍ଧ୍ୱରେ। ପରମପିତା ଏ ସୃଷ୍ଟିର ସର୍ଜନା କରିବା ସଂକଳ୍ପ ତାଙ୍କ ପ୍ରେମରୁ ଫୁଟି ଉଠିଥିଲା। ଭଗବାନ ବାବା କୁହନ୍ତି - ମୁଁ ପ୍ରେମର ଆନନ୍ଦ ପାଇବା ପାଇଁ ନିଜକୁ ନିଜଠାରୁ ଅଲଗା କଲି ଓ ମଣିଷକୁ ସୃଷ୍ଟି କଲି। ଏ ଦୁନିଆରେ ଆମେ ପ୍ରେମକୁ ଯେଉଁ ରୂପରେ ଦେଖୁ ସେ ସବୁ କେବଳ ସେ ପରମ ପ୍ରେମର ଏକ ଆଂଶିକ ପ୍ରତିଫଳନ ମାତ୍ର। ତାକୁ ଆମେ କେତେବେଳେ ମା'ର ମମତାରେ ଦେଖୁ ତ କେବେ ସ୍ତ୍ରୀ ପୁରୁଷର ଆକର୍ଷଣରେ। କେବେ ତାହା ମୋହର ରୂପ ନିଏ ତ କେବେ ଧନ ଲୋଭର। ସେ ଯାହା ହେଉନା କାହିଁକି, ଯେଉଁଠି ବି ପ୍ରେମର ସମ୍ପର୍କ ଗଢ଼ିଉଠେ ସେଠି ବିଶ୍ୱାସ ପ୍ରେମକୁ ପୁଷ୍ଟ କରିଥାଏ। ଯେତେବେଳେ ବିଶ୍ୱାସର ଅଭାବ ଦେଖାଦିଏ ସେତେବେଳେ ସମ୍ପର୍କ ପ୍ରତି ବିପଦ ଆସିଥାଏ। ଯଦି ଭୌତିକ ଜଗତର ଏ ସତ୍ୟକୁ ଆମେ ମାନିନେଉ, ତାହେଲେ ଅନୁଶୀଳନ କରିବାର କଥା, ଯେଉଁ ପରମପିତା ପ୍ରେମର ଶକ୍ତିରେ ଏ ଜଗତକୁ ସୃଷ୍ଟି କରିଛନ୍ତି, ସବୁଥିରେ ନିଜକୁ ଅବସ୍ଥାପିତ କରିଛନ୍ତି ତଥା ଚଳତ୍‌କ୍ଷମ କରିଛନ୍ତି ତାଙ୍କ ପ୍ରତି ଆମ ବିଶ୍ୱାସ କେତେ ଗଭୀର ଓ ଅଟଳ ହେବା ଆବଶ୍ୟକ! ବିଶ୍ୱାସର ଚେର ସେତିକି ଗଭୀର ଓ ଦୃଢ଼ ନହେଲେ ସେ ଦିବ୍ୟ ପ୍ରେମକୁ ଆସ୍ୱାଦନ କରିବା ଓ ଅମୃତୋପମ ସେ ପ୍ରେମର ବାରିଧିରେ ଅବଗାହନ କରିବା ସହଜ ନୁହେଁ। ସେ ଆମର ସୃଷ୍ଟିର କାରଣ, କାଳ ଗର୍ଭରେ ଲୁକ୍‌କାୟିତ ଆମର ଭୂତ ଭବିଷ୍ୟ ସବୁ ବିଷୟରେ ଅବଗତ। ଅଥଚ ଆମର ବିଶ୍ୱାସ ତାଙ୍କ ପ୍ରତି ସବୁବେଳେ ଦୋଳାୟିତ। ଭଗବାନ ମଧ୍ୟ ଭକ୍ତର ବିଶ୍ୱାସକୁ ସ୍ଥିର ଅଟଳ କରିବା ପାଇଁ ପ୍ରେମବଶତଃ ତାର ପରୀକ୍ଷା ନେଇଥାନ୍ତି। ଯେମିତି ଆମେ କାନ୍ଥରେ କ ାଟିଏ ପିଟିବା ପରେ ତାକୁ ଦୋହଲାଇ ପରୀକ୍ଷା କରିଥାଉ। ଈଶ୍ୱରଙ୍କର ଏସବୁ ପରୀକ୍ଷା ଉଦ୍ଦିଷ୍ଟ କେବଳ ଭକ୍ତର ହୃଦୟରେ ବଢୁଥିବା ବିଶ୍ୱାସର ବୃକ୍ଷକୁ ସୁଦୃଢ଼ କରିବା ପାଇଁ ଯାହା ଜୀବନର ସବୁ ଝଡ଼ ଝଞ୍ଜାକୁ ପ୍ରତିହତ କରିବାର ଶକ୍ତି ରଖିପାରିବ। ଆଧ୍ୟାତ୍ମିକ ମାର୍ଗରେ ଯେତେବେଳେ ସାଧକ ଅନୁଭବ କରିପାରେ ଯେ ଭଗବାନ ତାକୁ ସବୁବେଳେ ଜଗି ରହିଛନ୍ତି, ଆଖିକୁ ଆଖିପତା ଜଗି ରହିଥିବା ଭଳି ସେତେବେଳେ ତା'ର ବିଶ୍ୱାସ ଓ ବିଶ୍ୱାସ ଜନିତ ପ୍ରେମ ସଫଳତା ଲାଭ କରେ। ତା'ଭିତରୁ ଦ୍ୱନ୍ଦ, ଭୟ, ଅନିଶ୍ଚିତତା ଅପସରିଯାଏ ଓ ପ୍ରଭୁ ପ୍ରେମରେ ଅବଗାହନ କରି ସେ ପ୍ରଶାନ୍ତି ଲାଭ କରେ। ପ୍ରେମ ଆଉ ବିଶ୍ୱାସ ପରସ୍ପରର ପରିପୂରକ। ଯେ କୌଣସି ସମ୍ପର୍କର ସୃଷ୍ଟି ବିଶ୍ୱାସରୁ ହିଁ ହୋଇଥାଏ। ଆଉ ଯେଉଁଠି ବିଶ୍ୱାସ ଥାଏ ସେଠି ପ୍ରେମ ବସା ବାନ୍ଧେ। ବିଶ୍ୱାସ ଆଉ ପ୍ରେମର ସମନ୍ୱୟ ସୃଷ୍ଟି କରେ ଏକ ଭକ୍ତର ପରିଚୟ। ଏ ବିଶ୍ୱାସ ଏକ ସରଳ ହୃଦୟ ପାଇଁ ସୁବୋଧ ହୋଇଥାଏ। ଜିଜ୍ଞାସୁର ଏକ ସରଳ ହୃଦୟରେ ବିଶ୍ୱାସ ବାସ କରେ। ଯୁବକ ନରେନ୍‌ର ମଧ୍ୟ ଏକ ସରଳ ଓ ଜିଜ୍ଞାସୁ ହୃଦୟ ଥିଲା। ଯେତେବେଳେ ସେ ରାମକୃଷ୍ଣଙ୍କୁ ପ୍ରଶ୍ନ କଲା 'ତୁମେ କଣ ମା'ଙ୍କୁ ଦେଖିଛ' - ତତ୍‌କ୍ଷଣାତ ରାମକୃଷ୍ଣ କହିଥିଲେ, 'ହଁ ଦେଖିଛି ଯେମିତି ଏବେ ତୋତେ ଦେଖୁଛି।' ରାମକୃଷ୍ଣଙ୍କର ଏଇ ପଦକ କଥା ନରେନକୁ ବିବେକାନନ୍ଦରେ ରୂପାନ୍ତରିତ କରିଥିଲା। ହଜାର ହଜାର ଜିଜ୍ଞାସୁ ଭଗବାନ ବାବାଙ୍କ ପାଖକୁ ସାତ ଦରିଆ ପାରି ହୋଇ ବିଦେଶରୁ ଆସୁଥିଲେ। ସେମାନଙ୍କର ସେଇ ଗୋଟିଏ ଜିଜ୍ଞାସା ଥିଲା। ଅନେକ କଷ୍ଟ ସ୍ୱୀକାର କରି ସେମାନେ ଆସୁଥିଲେ, ଦିନ ଦିନ ଧରି ପୁଟ୍ଟପ ୍ତି ଗ୍ରାମରେ ରହୁଥିଲେ ଓ ତୃପ୍ତ ହୋଇ ଯାଉଥିଲେ ପରମାତ୍ମାଙ୍କ ସାକାର ରୂପ ଦର୍ଶନ କରି ଏକ ଆଶ୍ୱାସନା ନେଇ ଯେ ଦୁନିଆର ଯେଉଁଠି ଥିଲେ ବି ସ୍ୱାମୀ ତାଙ୍କ ସାଥିରେ ରହିଥିବେ।

ଆମେ ସମସ୍ତେ ତାଙ୍କ କାଣିଚାଏ ପ୍ରେମ ପାଇଁ ତୃଷା ର୍ତ୍ତ। କିଏ ନ ଚାହେଁ ତାଙ୍କୁ ପ୍ରେମ ନ ଦେବାକୁ ଓ ତାଙ୍କ ପ୍ରେମ ନ ପାଇବାକୁ। ହେଲେ ସେଥିପାଇଁ କେବଳ ଆବଶ୍ୟକ ପୂର୍ଣ୍ଣ ଆସ୍ଥା ଓ ବିଶ୍ୱାସ ତାଙ୍କ ଉପରେ, ତାଙ୍କ ବା ର୍ତ୍ତା ଉପରେ। ସେ ଆମକୁ ଦେଇଯାଇଥିବା ଅମର ବା ର୍ତ୍ତାକୁ ଆମେ ଯେତେବେଳେ ଆମ ଜୀବନ ଓ ଜୀବନୀର ଅନ୍ତସ୍ରୋତ କରିପାରିବା ସେତେବେଳେ ବିଭୁପ୍ରେମ ଆମ ଆଡ଼କୁ ଅବାରିତ ଭାବେ ଝରି ଆସିବ। ସେହି ଲକ୍ଷ୍ୟରେ ଆମ ପାଇଁ ସ୍ୱାମୀ ତାଙ୍କ ହାତଗଢ଼ା ଏ ସଂଗଠନ ଦେଇଛନ୍ତି। ଏଥିରେ ନିଜକୁ ନିମଗ୍ନ କରି ତାଙ୍କ ବା ର୍ତ୍ତାକୁ ଆମେ ଆମ ଜୀବନରେ ପ୍ରତିଫଳିତ କରିପାରିବା ଓ ଦେବ ଦୁର୍ଲଭ ଭଗବତ୍ ପ୍ରେମକୁ ଉପଭୋଗ କରିପାରିବା। ପ୍ରେମ ଯଦି ସୌନ୍ଦର୍ଯ୍ୟ ଓ ସୁଗନ୍ଧଭରା ଏକ ପୁଷ୍ପମାଲ୍ୟ ହୁଏ ତେବେ ବିଶ୍ୱାସ ତାକୁ ଧରି ରଖିଥାଏ ସୁତାଖିଅ ପରି। ବିଶ୍ୱାସ ଏପରି ଏକ ଅଦୃଶ୍ୟ ନୀରବ ସାଧନା ଯାହା ପ୍ରେମକୁ ଦୀପ୍ତିମନ୍ତ କରିଥାଏ। ଏଭଳି ପ୍ରେମ ଭକ୍ତିର ଔଜଲ୍ୟ ଦେଖିବାକୁ ମିଳିଥିଲା ଋଷିପୁତ୍ର ମାର୍କଣ୍ଡେୟଙ୍କ ଠାରେ। ମହାମୁନିଙ୍କ ପୁତ୍ର ମାର୍କଣ୍ଡେୟ ଧର୍ମନିଷ୍ଠ ହେଲେ ବି ଅଳ୍ପାୟୁଷ ଥିବାରୁ ତାଙ୍କ ପିତାମାତା ବିଷର୍ଣ୍ଣ ଥିଲେ। ପିତାମାତାଙ୍କୁ ଉଦାସୀନ ଦେଖି ମାର୍କଣ୍ଡେୟ କାରଣ ଜିଜ୍ଞାସା କରିବାରୁ ସେମାନେ କହିଲେ ହେ ପ୍ରିୟପୁତ୍ର ତୁମକୁ ୧୧ ବର୍ଷ ହେବାକୁ ବସିଲାଣି। ଆଉ ଗୋଟିଏ ବର୍ଷ ହିଁ ତୁମର ଆୟୁଷ। ତୁମକୁ ହରାଇବାର ଦୁଃଖରେ ଆମେ ମ୍ରିୟମାଣ ହୋଇପଡୁଛୁ। ପିତାମାତାଙ୍କର ଶୋକ ନିବାରଣ ପାଇଁ ମାର୍କଣ୍ଡେୟ ଶିବଲିଙ୍ଗଙ୍କୁ ଆଲିଙ୍ଗନ କରି ମହା ମୃତ୍ୟୁଞ୍ଜୟ ମନ୍ତ୍ର ଭକ୍ତି ଓ ବିଶ୍ୱାସର ସହିତ ଜପ କରିବାକୁ ଲାଗିଲେ। ତାଙ୍କର ମୃତ୍ୟୁ ସମୟ ଉପଗତ ହୁଅନ୍ତେ ଯମଦୂତ ମାନେ ତାଙ୍କୁ ନେବାପାଇଁ ଆସିଲେ କିନ୍ତୁ ବିଫଳ ହେଲେ। ଯେତେବେଳେ ସ୍ୱୟଂ ଯମରାଜ ଆସି ବଳପୂର୍ବକ ତାଙ୍କୁ ନେବାକୁ ବାହାରିଲେ ପରମେଶ୍ୱର ନିଜେ ଆବିର୍ଭୂତ ହେଲେ ଓ ତାଙ୍କର ପ୍ରିୟ ମାର୍କଣ୍ଡେୟଙ୍କୁ ରକ୍ଷା କରିବା ପାଇଁ ଯମରାଜଙ୍କୁ ଯୁଦ୍ଧର ଆହ୍ୱାନ ଦେଲେ। ଯମରାଜ ବିନୟ ଭରେ କହିଲେ ପ୍ରଭୋ! ମୁଁ ତ ଆପଣଙ୍କ ନିୟମକୁ ପାଳନ ମାତ୍ର କରିଛି। ଆପଣ ହିଁ ତ ଏ ବାଳକକୁ ୧୨ ବର୍ଷର ଆୟୁ ପ୍ରଦାନ କରିଥିଲେ। ଶିବ କହିଲେ ସେ ମୋର ଭକ୍ତ। ମୋ ଭକ୍ତକୁ ରକ୍ଷା କରିବା ପାଇଁ ମୋ ଦ୍ୱାରା ସୃଷ୍ଟ ନିୟମ ଭାଙ୍ଗିବାକୁ ବି ପ୍ରସ୍ତୁତ ଏବଂ ପ୍ରେମ ପରବଶ ହୋଇ ସେ ମାର୍କଣ୍ଡେୟଙ୍କୁ ୧୨ ବର୍ଷ ସ୍ଥାନରେ ୧୨ କଳ୍ପର ଆୟୁଷ ପ୍ରଦାନ କରିଥିଲେ।

**ନାରାୟଣ ପ୍ରସାଦ ସର, ସଭାପତି,** ଶ୍ରୀସତ୍ୟସାଇ ସେବା ସଙ୍ଗଠନ, ଓଡ଼ିଶା, ଭୁବନେଶ୍ୱର, ଦୂରଭାଷ: ୯୪୩୮୧୮୨୪୮୯

# ରାଷ୍ଟ୍ରୀୟ ସେବା ଯୋଜନା ଶିବିର ଉଦ୍‌ଯାପିତ



ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ ଉତରପ୍ରତାପ ପଂଚାୟତ ନରସିଂହପୁରସ୍ଥିତ ଶ୍ରୀ ଦଧିବାମନଜୀଉ ସଂସ୍କୃତ ମହାବିଦ୍ୟାଳୟ ରାଷ୍ଟ୍ରୀୟ ସେବା ଯୋଜନାର ଶୀତକାଳୀନ ଶିବିର ଉଦ୍‌ଯାପିତ ହୋଇଯାଇଛି । କଲେଜ୍ ପରିଚାଳନା କମିଟି ସଭାପତି ଡ. ଚିତରନ ମର୍ହାଙ୍କ ସଭାପିତିତ୍ୱରେ ଅନୁଷ୍ଠିତ ସଭାକୁ କଲେଜ୍ ଅଧ୍ୟକ୍ଷ ଡ. କୃଷ୍ଣଚନ୍ଦ୍ର ପାତ୍ର ଉଦ୍‌ଘାଟନ କରିଥିଲେ । ବରିଷ୍ଠ ଅଧ୍ୟାପକ ପ୍ରଶାନ୍ତ କୁମାର ସାହୁ ମୁଖ୍ୟଅତିଥି, ସମାଜସେବୀ ଜଳଧର ସାହୁ, ଜିଲ୍ଲା ପରିଷଦ ସଭ୍ୟ ଭାଗ୍ୟଧର ସେଠୀ, ସମିତିସଭ୍ୟା କ୍ଷୀରାବ୍ଧି ତନୟା ମଲିକ, ସାମାଜିକ କର୍ମୀ ଦେବବ୍ରତ ରାଉତ, ବରୁଆଁ ଆଦର୍ଶ ବିଦ୍ୟାଳୟ ଅଧ୍ୟକ୍ଷ ଦିଲୀପ କୁମାର ସାହୁ ସମ୍ମାନିତ ଅତିଥିଭାବେ ଯୋଗଦେଇ ସେବା ମାଧ୍ୟମରେ ଉତମ ନାଗରିକ ଓ ସୁସ୍ଥ ସମାଜ ଗଠନ ପାଇଁ ଛାତ୍ରଛାତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ସରପଂଚ ଭୀମସେନ ତରାଇ, ସୁଧାଂଶୁ ମୋହନ ସାହୁ, ଦାମୋଦର ପଣ୍ଡା, ନାଏବ୍ ସରପଂଚ ବିଦ୍ୟୁତ୍‌ଲତା ଦାସ, ଅଧ୍ୟାପକ ଗିରିଧାରୀ ପଣ୍ଡା, ଗୌରୀଶଙ୍କର ମିଶ୍ର, ସୁରେଶ ଲେଙ୍କା, ଅଧ୍ୟାପିକା ମନ୍ଦାକିନୀ ରାଉତ, ଅଣଶିକ୍ଷକ କର୍ମଚାରୀ ପ୍ରଶା' କୁମାର ପଣ୍ଡା, ହେମ' କୁମାର ଦାସ, ଅଜୟ ତରାଇ ଓ ଉଦୟ ତରାଇ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମ ଅଧିକାରୀ ସୁବାସ ସାହୁ ସ୍ୱାଗତ ଭାଷଣ ଦେଇଥିବା ବେଳେ ଅଧ୍ୟାପିକା ପ୍ରମିଳା ଦାସ ଧନ୍ୟବାଦ ଦେଇଥିଲେ ।

# ଧର୍ମଶାଳା ସାହିତ୍ୟ ସମାଜର ବର୍ଷପୂ ର୍ତ୍ତି କବିତା ପାଠୋତ୍ସବ



ଧର୍ମଶାଳା (ପିଏନ୍): ଧର୍ମଶାଳା ସାହିତ୍ୟ ସମାଜର ବର୍ଷପୂ ର୍ତ୍ତି କବିତା ପାଠୋତ୍ସବ ଗୋକର୍ଣ୍ଣେଶ୍ୱର ମନ୍ଦିର ପରିସରରେ ସାହିତ୍ୟିକ ଡକ୍ଟର ରାଜକିଶୋର ପାଢ଼ୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବକୁ ଅଧ୍ୟାପକ ଦାମୋଦର ବେହେରା ଓ ପ୍ରାଧ୍ୟାପକ ମନୋରଂଜନ ମର୍ହା ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକାରୀ ସଭାପତି ଯୁଧିଷ୍ଠିର ସ୍ୱାଇଁ ଶିବବନ୍ଦନା ଉଚ୍ଚାରଣ କରିଥିଲେ । ଅନ୍ୟତମ କାର୍ଯ୍ୟକାରୀ ସଭାପତି କାହ୍ନୁଚରଣ ଦାଶ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ବେଣୁଧର ନାୟକ ସ୍ୱାଗତ ଭାଷଣ ଦେଇଥିଲେ। ସଂପାଦକ ଡକ୍ଟର ପ୍ରଶାନ୍ତ କୁମାର ସ୍ୱାଇଁ ସୂଚନା ପ୍ରଦାନ କରିଥିଲେ। ଏହି ଅବସରରେ ନାଟ୍ୟକାର ନବଘନ ଜେନାଙ୍କ 'ଟୋପାଏ ସିନ୍ଦୂର ଦିପଟ ଶଙ୍ଖା' ନାଟକ ପୁସ୍ତକକୁ ଅତିଥିମାନଙ୍କୁ ଲୋକାର୍ପଣ କରାଯାଇଥିଲା। ଶ୍ରୀ ଜେନା ନାଟ୍ୟ ପୁସ୍ତକ ସମ୍ପର୍କରେ ସୂଚନା ଦେଇଥିଲେ। ସାହିତ୍ୟିକ ଅର୍ଜୁନ ପୃଷ୍ଟି ପୁସ୍ତକର ସମୀକ୍ଷା କରିଥିଲେ। ଚଳିତ ବର୍ଷରର ଅନ୍ନପୂର୍ଣ୍ଣା ସ୍ମୃତି ସମ୍ମାନ ଅଧ୍ୟାପିକା ଲିପ୍ସା ପଟେଲଙ୍କୁ ପ୍ରଦାନ କରାଯାଇଥିଲା। ଜୟଶ୍ରୀ ସ୍ୱାଇଁ ମାନପତ୍ର ମାନପତ୍ର ପାଠ କରିଥିଲେ। ସମାଜସେବୀ ଗୋଲକ ଚନ୍ଦ୍ର ପଲେଇ ଧନ୍ୟବାଦ ଦେଇଥିଲେ। ଏହି ଅବସରରରେ ଆୟୋଜିତ କବିତା ପାଠୋତ୍ସବରେ ସବିତା ମିଶ୍ର, ଅର୍ଜୁନ ପୃଷ୍ଟି ଓ ପ୍ରମିଳା ପ୍ରତାପ କବିତା ସଂଯୋଜନା କରୁଥିଲେ। ଏହି ଉତ୍ସବରେ ପଣ୍ଡିତ ସୂର୍ଯ୍ୟମଣି ଖୁଂଟିଆ, ଡ. ଚନ୍ଦ୍ରକାନ୍ତ ମହାନ୍ତି, ସଂଗ୍ରାମ କେଶରୀ ଜେନା, ବିଦ୍ୟୁତଲତା ଦାସ,ପ୍ରଫୁଲ୍ଲ କୁମାର ସ୍ୱାଇଁ, ଭୁବନ ମହାନ୍ତି, ଅଖିଳ କୁମାର ସ୍ୱାଇଁ, ପ୍ରହଲ୍ଲାଦ ପଣ୍ଡା, ଯୁଗଳ କିଶୋର ଦାସ ଓ ଜୟଶ୍ରୀ ସ୍ୱାଇଁ ପ୍ରମୁଖ କବିତା ପାଠ କରିଥିଲେ।

# ଓଡ଼ିଶାର ଅବହେଳିତ ଚାଷୀ

ଭୁବନେଶ୍ୱର (ପିଏନ୍): କୃଷି ପ୍ରଧାନ ରାଜ୍ୟ ଭାବେ ଓଡ଼ିଶା ବେଶ୍ ପରିଚିତ। ଏହି ରାଜ୍ୟ ସମୁଦାୟ ଜନସଂଖ୍ୟାର ୮୩ପ୍ରତିଶତ ଲୋକ ଗାଁଗଣ୍ଡାରେ ରହୁଥିବାରୁ ସେମାନଙ୍କ ଭିତରୁ ଖୁବ୍ କିଛି ଲୋକଙ୍କୁ ଛାଡ଼ିଦେଲେ ଅନ୍ୟ ସମସ୍ତେ ପ୍ରତ୍ୟେକ୍ଷ ବା ପରୋକ୍ଷ ଭାବରେ କୃଷି ହେଉ ବା କୃଷିକୁ ନେଇ ଆନୁସଙ୍ଗିକ ବୃ ି ଦ୍ୱାରା ପରିବାର ପ୍ରତିପୋଷଣ କରିଥାନ୍ତି। ଆଉ କେହି କେହି କୃଷିଭି ିକ ବେପାର ବଣିଜ ଶିଳ୍ପ ଉପରେ ନିର୍ଭର କରି ରୋଜଗାରକ୍ଷମ ହୋଇଥାନ୍ତି। ଆମ ରାଜ୍ୟର ସମୁଦାୟ ତିନିଚତୁର୍ଥାଂଶ ଲୋକ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବେ ଏହି କୃଷିକୁ ନେଇ ହିଁ ସେମାନଙ୍କ ମୁଖ୍ୟ ଜୀବନ ଜୀବିକା। କିନ୍ତୁ ଦିନକୁ ଦିନ ଓଡ଼ିଶାର ଚଷା ପୁଅଙ୍କ ଭାତହାଣ୍ଡି ଉଜୁଡ଼ିବାକୁ ଯାଉଛି। ଶିଳ୍ପାୟନ ନାମରେ ସବୁଜ ଚାଷ ଜମି ଉପରେ ପ୍ରକାଣ୍ଡକାୟ ବଡ଼ ବଡ଼ ଅଟ୍ଟାଳିକା ଗଢ଼ି ଉଠୁଛି। ସେହିପରି ପ୍ରାକୃତିକ ବିପର୍ଯ୍ୟୟ ଭାବରେ ବନ୍ୟା ହେଉ ବା ବାତ୍ୟା ବା ଫାଇଲିନ୍ ପରି ଧୂମକେତୁ କୁହାଯାଉଥିବା ମହାବାତ୍ୟା ଓଡ଼ିଶାର ଚଷାପୁଅର ଅ । ହାଡ଼ ଭାଙ୍ଗି ଦେଉଛି। ଦିନକୁ ଦିନ ସରକାରୀ ସ୍ତରରେ କୃଷି ପାଇଁ ବିଭିନ୍ନ ସହଯୋଗ ଓ ସହାୟତା ବୃଦ୍ଧି ପାଉଛି ସତ କିନ୍ତୁ ବାସ୍ତବରେ ତାହା ତଳମୁଣ୍ଡରେ ଥିବା ଚଷାପୁଅଟି ପାଇବାକୁ ଅଧିକାଂଶ କ୍ଷେତ୍ରରେ ସକ୍ଷମ ହେଉନାହିଁ। କୁହାଯାଏ ଯେ ଓଡ଼ିଶା ଦରିଦ୍ର ହେବାର ମୂଳ କାରଣ ହେଲା ଚାଷ ଓ ଚାଷୀମାନଙ୍କ ବିକାଶ ପ୍ରତି ଯଥେଷ୍ଟ ଗୁରୁତ୍ୱ ଦିଆଯାଉନାହିଁ। ବୃହତ୍ ଶିଳ୍ପ ତିଆରି କରି ସରକାର ରାଜ୍ୟକୁ ପ୍ରଗତି ପଥରେ ଆଗେଇ ନେଇଯିବା ପାଇଁ ଯୋଜନା କରୁଥିଲେ ବି ସେହି ତୁଳନାରେ କୃଷିକୁ ଆଡ଼ ଆଖିରେ ଚାହୁଁନଥିବାର ଅଭିଯୋଗ ବିଭିନ୍ନ ସମୟରେ ହୋଇଥାଏ। ଆମ ଭାରତରେ କର୍ଣ୍ଣାଟକ ଉପରେ ସରକାର ସ୍ୱତନ୍ତ୍ର କୃଷି ବଜେଟ ପ୍ରସ୍ତୁତ କରିଥିଲେ ଯାହାଦ୍ୱାରା ଓଡ଼ିଶା ହେଉଛି ସ୍ୱତନ୍ତ୍ର କୃଷି ବଜେଟ ପ୍ରସ୍ତୁତିରେ ଭାରତରେ ଦ୍ୱିତୀୟ। କିନ୍ତୁ କର୍ଣ୍ଣାଟକ ବ୍ୟତୀତ ମଧ୍ୟପ୍ରଦେଶ ଓ ଛତିଶଗଡ଼ ସରକାର ଏହାର ଯଥେଷ୍ଟ ପୂର୍ବରୁ ସ୍ୱତନ୍ତ୍ର କୃଷି ବଜେଟ ପ୍ରସ୍ତୁତ କରିସାରିଛନ୍ତି। କେବଳ କୃଷି ବଜେଟ ପ୍ରଣୟନ କରିଦେଲେ ହେବ ନାହିଁ। ଏହା ପାଇଁ ବ୍ୟବସ୍ଥା ହୋଇଥିବା ସ୍ୱତନ୍ତ୍ର କୃଷି ଶିକ୍ଷା ଳ ପ୍ରତିଷ୍ଠା କରି କୃଷିଜାତ ଦ୍ରବ୍ୟର ପ୍ରକ୍ରିୟାକରଣ ଶିଳ୍ପ ସ୍ଥାପନ ପାଇଁ ପ୍ରୋତ୍ସାହନ ଦେବା ଜରୁରୀ। ପ୍ରକୃତ ପକ୍ଷେ ପ୍ରତି ଜିଲ୍ଲାରେ କୃଷି ଶିକ୍ଷା ଳ ପ୍ରତିଷ୍ଠା କରାଯାଇ କ୍ଷୁଦ୍ର ଓ ଅତିକ୍ଷୁଦ୍ର ଶିଳ୍ପ ପ୍ରତିଷ୍ଠା ପାଇଁ ପଦକ୍ଷେପ ନିଆଯାଉ । ଏପରି କୃଷିଭି ିକ ଶିଳ୍ପ ପ୍ରତିଷ୍ଠା ପାଇଁ ପ୍ରୋତ୍ସାହନ ଦିଆଯାଉ ଯାହାଫଳରେ ସେ ଅ ଳରେ ଉତ୍ପାଦିତ ହେଉଥିବା କୃଷିଜାତ ଦ୍ରବ୍ୟର ପ୍ରକ୍ରିୟାକରଣ କରାଯାଇ ମୂଲ୍ୟଯୁକ୍ତ ହୋଇପାରିବ। ଗତ ଫାଇଲିନ୍ ଓ ପରବ ୀ ସମୟରେ ବନ୍ୟା ତଥା ମୂଷଳ ଧାରାରେ ବର୍ଷା ହେବା ଦ୍ୱାରା ଆମ ରାଜ୍ୟର ଅଠରଟି ଜିଲ୍ଲାର ଏଗାରଲକ୍ଷ ହେକ୍ଟର ଜମିର ଧାନ ଫସଲ ନଷ୍ଟ ହେବାବେଳେ ସଇଁତିରିଶ ହଜାର ହେକ୍ଟର ଜମିରେ ଚାଷ ହୋଇଥିବା ପନିପରିବା ନଷ୍ଟ ହୋଇଛି। କିନ୍ତୁ ପରବ ୀ ସମୟରେ ଚାଷୀକୁ ଯଥେଷ୍ଟ ପରିମାଣରେ ସହାୟତା ମିଳିପାରିଲା ନାହିଁ । ରାଜ୍ୟ ସରକାର ପ୍ରସ୍ତୁତ କରିଥିବା ବିଜୁ କୃଷକ କଲ୍ୟାଣ ଯୋଜନାରେ ଏବେ ଚାଷୀମାନଙ୍କୁ ସ୍ୱାସ୍ଥ୍ୟ ବୀମାଭୁକ୍ତ କରାଯାଉଛି । ସେହିପରି ନିକଟରେ ସମସ୍ତଙ୍କ ପାଇଁ ଚିନ୍ତାର କାରଣ ସାଜିଥିବା ଆଳୁ କଥା ବିଚାର କରାଯାଉ। ଆମ ରାଜ୍ୟରେ ଆଳୁ ଉତ୍ପାଦନ ପାଇଁ ଜଳବାୟୁ ଓ ମୃ ିକା ଅନୁକୂଳ ଥିଲେ ବି ଆମ ରାଜ୍ୟରେ ମାତ୍ର ଦୁଇଲକ୍ଷ ଟନ ଉତ୍ପାଦନ ହେଉଛି। ଯେଉଁଠି ଆବଶ୍ୟକ ରହିଛି ନଅଲକ୍ଷ ଟନ। ଆଳୁ ଚାଷର ପ୍ରସାର ନ ହେବାର ବଡ଼ କାରଣ ହେଲା ରାଜ୍ୟରେ ଶୀତଳ ଭଣ୍ଡାରର ଅଭାବ। ଯାହାଦ୍ୱାରା ପଡ଼ୋଶୀ ପଶ୍ଚିମବଙ୍ଗ ସରକାର ଓଡ଼ିଶାକୁ ଆଖି ଦେଖାଇ ଦାଦାଗିରି କରିବାକୁ ସାହାସ କରିପାରିଛନ୍ତି। ବ ମାନ ସୁଦ୍ଧା ଆଳୁ ଠାରୁ ପନିପରିବା କ୍ଷେତ୍ରରେ ଆମ ରାଜ୍ୟ ନିଜେ ସ୍ୱାବଲମ୍ବୀ ହୋଇପାରିନାହିଁ। ଯାହାଦ୍ୱାରା ପଡ଼ୋଶୀ ଉତ୍ପାଦିତ ରାଜ୍ୟମାନେ ଅଧିକାଂଶ ସମୟରେ ସେମାନଙ୍କ ନାଲି ଆଖି ଆମକୁ ଦେଖାଇ ପାରୁଛନ୍ତି କେବଳ ଫସଲ ଉତ୍ପାଦନ ପାଇଁ ଚାଷୀକୁ ପଇସା ଗୁଞ୍ଜିଦେଲେ ଚଳିବ ନାହିଁ ନିୟମିତ ଭାବରେ ବିଭିନ୍ନ ଜାତୀୟକରଣ ବ୍ୟାଙ୍କ ଚାଷୀକୁ ସହାୟତା ଦେବା ପାଇଁ ଟାଳଟୁଳ ନୀତି ଅବଲମ୍ବନ କରୁଛନ୍ତି। ଇଆଡ଼େ ଗୋଦାମ ଘର ନଥିବାରୁ ଫସଲ ବାହାରେ ପଡ଼ି ଖତ ଖାଉଛି ଯାହାକି ବିଭିନ୍ନ ସମୟରେ ଗଣମାଧ୍ୟମର ପ୍ରମୁଖ ଖବର ଭାବେ ପ୍ରକାଶ ପାଉଛି। ଚାଷୀକୁ ନେଇ ଗର୍ବ କରୁଥିବା ଚଷାପୁଅର ଭେଣ୍ଡିଆ ପୁଅମାନେ ଆଉ କିନ୍ତୁ ଚାଷବାସକୁ ବନ କରୁନାହାନ୍ତି ଏହାର ବଡ଼ କାରଣ ହେଉଛି ସେମାନେ ଚାଷକୁ ନେଇ ନିଜ ଜୀବନ ଜୀବିକା ଗଢ଼ିବା ପାଇଁ ସାହସ କୁଳାଇ ପାରୁନାହାନ୍ତି। ପଡ଼ୋଶୀ ଆନ୍ଧ୍ରପ୍ରଦେଶ ଠାରୁ ପଶ୍ଚିମବଙ୍ଗ ଛୋଟ ରାଜ୍ୟ ଛତିଶଗଡ଼ ଠାରୁ ମହାରାଷ୍ଟ୍ର ବା କର୍ଣ୍ଣାଟକ ଏସବୁ ରାଜ୍ୟରେ ଚାଷୀମାନଙ୍କୁ ପର୍ଯ୍ୟାପ୍ତ ପରିମାଣର ସମସ୍ତ ସହାୟତା ସୁଯୋଗ ମିଳୁଥିବାରୁ ଚାଷ ପ୍ରତି ସେ ରାଜ୍ୟରେ ଆଗ୍ରହ ବୃଦ୍ଧି ପାଉଛି। ପଡ଼ୋଶୀ ଛତିଶଗଡ଼ ସରକାର ଧାନ କ୍ୱି ାଲ ପିଛା ତିନିଶହ ଟଙ୍କା ବୋନସ ଦେଉଥିବାବେଳେ ମଧ୍ୟପ୍ରଦେଶ ସରକାର ଗହମ କ୍ୱି ାଲ ପିଛା ଦେଢ଼ଶହ ଟଙ୍କା ବୋନସ ଦେଉଛନ୍ତି ଏ ସମୟରେ ଓଡ଼ିଶା ସରକାର କ୍ୱି ାଲ ପିଛା ଶହେ ଟଙ୍କା ବୋନସ ଦେବେ ବୋଲି କହିଛନ୍ତି। ସେହିପରି କର୍ଣ୍ଣାଟକ ସରକାର ଦୁଗ୍ଧ ଚାଷୀମାନଙ୍କୁ ଲିଟର ପିଛା ଚାରିଟଙ୍କା ବୋନସ ଦେଉଛନ୍ତି କିନ୍ତୁ ଆମ ରାଜ୍ୟରେ ଉତ୍ପାଦନ ବୃଦ୍ଧି ପାଇଁ ଏହି ଚାଷୀଙ୍କୁ ବୋନସ ଦିଆଯାଇ ପାରୁନାହିଁ। ଏହିପରି ଅଭିଯୋଗ ଲେଖିଲେ ଲେଖାର କଳେବର ଯାହା ବୃଦ୍ଧି ପାଇବ ସରକାର ଦୂରଦୃଷ୍ଟିର ସହ ଚାଷୀଙ୍କ ସର୍ବବିଧ ଉନ୍ନତି ପାଇଁ ସହାୟତା ଯୋଗାଇଲେ ଓଡ଼ିଶା ନିଜ କୃଷିକୁ ନେଇ ନିଶ୍ଚିତ ଭାବରେ ଆଗୁଆ ରାଜ୍ୟ ଭାବରେ ପରିଗଣିତ ହେବ।

# ତ୍ୟାଗ ଓ ବଳିଦାନର ପର୍ବ ଇଦ-ଉଲ-ଜୁହା





ଭୁବନେଶ୍ୱର,(ପି.ଏନ): ଆଜି ସମଗ୍ର ଭାରତବର୍ଷରେ ହର୍ଷଉଲାସ ସହିତ ଇଦ-ଉଲ-ଜୁହା ପାଳନ ହୋଇଅଛି। ଇସଲାମ ଧର୍ମ ରେ ବର୍ଷକରେ ମୁଖ୍ୟତ ଦୁଇ ଗୋଟି ପର୍ବ ପାଳିତ ହୋଇ ଥାଏ । ଇଦ-ଉଲ-ଫିତର୍ (ରମଜାନ ଇଦ ବା ସିମେଇ ବାଲା ଇଦ)ଏବଂ ଅନ୍ୟଟି ଇଦ-ଉଲ-ଜୁହା ଯାହାକୁ କୁରବାନି ଇଦ ବା ବକରା ଇଦ କୁହାଯାଏ। ଆଜି ଇଦ-ଉଲ-ଜୁହା ତ୍ୟାଗ ଓ ବଳିଦାନର ପର୍ବ । ଆଜି ହଜରତ ଇବ୍ରହିମ୍ ଏବଂ ହଜରତ ଇସ୍ମାଇଲଙ୍କ ଗୋଟିଏ ମହାନ ବଳିଦାନକୁ ସ୍ମରଣ କରିବାର ଦିନ। ଆଜି ସାମର୍ଥ୍ୟ ଥିବା ମୁସଲମାନମାନଙ୍କୁ ମକ୍କା ସହରରେ ହଜ ପବିତ୍ର ଉପାସନା ସମ୍ପୂର୍ଣ୍ଣ କରିବାର ଖୁଶିର ଦିନ । ଏହି ଦିନଟିକୁ ଗୋଟିଏ ମୁସଲମାନ ପବିତ୍ର ଅବତାର ହଜରତ ମୁହମ୍ମଦ(ଅଲ୍ଲାହ ତାଙ୍କ ଉପରେ ଶାନ୍ତି ବର୍ଷଣ କରୁ )ଙ୍କ ଶିକ୍ଷା ଅନୁସାରେ ନମାଜ ତହଜ୍ଜୁଦରୁ ଆରମ୍ଭ କରେ ତତ୍ପରେ ଫଜର ନମାଜ , ପବିତ୍ର କୋରାନ ଆବୃତ୍ତି ଏବଂ ପ୍ରତ୍ୟେକ ଫର୍ଜ ନମାଜ ପରେ ତକବିରେ ତଶରିକ ଆବୃତ୍ତି କରାଯାଏ। ଗରିବ ଏବଂ ଅସହାୟଙ୍କୁ ଦାନଧର୍ମ କରାଯାଏ। ନମାଜ ଫଜରରୁ ନେଇ ଇଦ-ଉଲ-ଜୁହା ପର୍ଯ୍ୟନ୍ତ କିଛି ସମୟ ପାଇଁ ରୋଜା(ଉପବାସ) ରଖାଯାଏ । ସ୍ନାନ କରି ନୂତନ ଓ ସଫା ସୁତୁରା ବସ୍ତ୍ର ପରିଧାନ କରି ଇଦ ଗାହ ବା ମସଜିଦରେ ଜାଇ ନମାଜ ଇଦ-ଉଲ-ଜୁହା ପାଠ କରାଯାଏ ଏବଂ ଇଦ ଖୁତବା(ଭାଷଣ)ରେ ଯୋଗ ଦାନ କରାଯାଏ। ଏହି ପରିପ୍ରେକ୍ଷେ ଦିନ ୧୦ ଘଣ୍ଟିକା ସମୟରେ ଭୁବନେଶ୍ୱର ୟୁନିଟ-୪ ସ୍ଥିତ ମସଜିଦ ହମଦ ଠାରେ ନମାଜ ଇଦ-ଉଲ-ଜୁହା ପଢାଯାଇ ଥିଲା। ନମାଜପାଠ ପରେ ମୌଲବୀ ହାଲିମ ଖାନ ନିଜର ବକ୍ତବ୍ୟ ଉପସ୍ଥାପନ କରି ଥିଲେ। ଏଥିରେ ସେ କହିଥିଲେ ଯେ ଅହମଦୀୟା ମୁସଲିମ ଜମାଅତ ଭୁବନେଶ୍ୱର ଇଦ ର ଏହି ପବିତ୍ର ଦିନରେ ସମସ୍ତ ଓଡିଶା ବାସୀଙ୍କୁ ଆନ୍ତରିକ ଶୁଭେଚ୍ଛା ଜଣାଉଅଛି । ଦେଶ ଓ ରାଜ୍ୟର ଏକତା, ଅଖଣ୍ଡତା ଏବେ ଶାନ୍ତି ପାଇଁ ପ୍ରାର୍ଥନା କରୁଅଛି। ତତ୍ପରେ ସାମୁହିକ ପ୍ରାର୍ଥନା ଓ ପ୍ରତ୍ୟେକ ବ୍ୟକ୍ତି ପରସ୍ପରକୁ ଆଲିଙ୍ଗନକରି ଶୁଭେଚ୍ଛା ଜଣାଇ ଥିଲେ ଏଥିରେ ଛୋଟରୁ ବଡ ମହିଳାଙ୍କ ସହିତ ୩୫୦ରୁ ଉର୍ଦ୍ଧ ସଂପ୍ରଦାୟର ଲୋକମାନେ ଯୋଗଦାନ କରିଥିଲେ।


## DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10 c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Prajyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com

୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ

ଖେଳ ପର୍ଯ୍ୟବେକ୍ଷକ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

Bhubaneswar Sunday June 08 ଭୁବନେଶ୍ୱର ରବିବାର, ୦୮, ୨୦୨୫ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com



# ପରିବେଶଗତ ଉତ୍କର୍ଷତା ପାଇଁ ଆହ୍ୱାନ ଫାଉଣ୍ଡେସନକୁ ସମ୍ମାନଜନକ ପ୍ରକୃତି ମିତ୍ର ପୁରସ୍କାର

ପାରାଦୀପ,(ପି.ଏନ): ପାରାଦୀପ ର ଅଗ୍ରଣୀ ପରିବେଶଧର୍ମୀ ସଂଗଠନ ଆହ୍ୱାନ ଫାଉଣ୍ଡେସନକୁ ଭୁବନେଶ୍ୱର ସ୍ଥିତ ଓୟୁଏଟି ଅଡିଟୋରିୟମ ରେ ଗୁରବାର ଦିନ ଆୟୋଜିତ ରାଜ୍ୟସ୍ତରୀୟ ବିଶ୍ୱ ପରିବେଶ ଦିବସ ସମାରୋହରେ ଓଡ଼ିଶା ସରକାରଙ୍କ ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗ ଦ୍ୱାରା ପ୍ରକୃତି ମିତ୍ର ପୁରସ୍କାର ୨୦୨୫ ପ୍ରଦାନ କରାଯାଇଛି। ପରିବେଶ ସୁରକ୍ଷା ଏବଂ ଜଳବାୟୁ କାର୍ଯ୍ୟ ପ୍ରତି ସଂଗଠନର ଉଲ୍ଲେଖନୀୟ ଅବଦାନକୁ ସ୍ୱୀକୃତି ଦେଇ ଏହି ପୁରସ୍କାର ପ୍ରଦାନ କରାଯାଇଥିଲା, ଯେଉଁଥିରେ ୨୦ ହଜାର ଟଙ୍କା ର ଅର୍ଥରାଶି ସହ ପ୍ରମାଣପତ୍ର ପୁରସ୍କାର ସ୍ୱରୂପ ପ୍ରଦାନ କରାଯାଇଥିଲା। ଏହି ସମ୍ମାନ ଆହ୍ୱାନ ଫାଉଣ୍ଡେସନର ସଭାପତି ସାଗର କୁମାର ବିଶ୍ୱାଳ ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ, ମାନ୍ୟବର ଜଙ୍ଗଲ, ପରିବେଶ ଏବଂ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ, ଓଡ଼ିଶାର ମୁଖ୍ୟ ସଚିବ, , ସିଇଏସ୍ ନିର୍ଦ୍ଦେଶକ, ପିସିସିଏଫ୍ ଏବଂ ଓୟୁଏଟିର ଭାଇସ୍ ଚାନ୍ସେଲରଙ୍କ ସମେତ ଅନେକ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ଉପସ୍ଥିତିରେ ଗ୍ରହଣ କରିଥିଲେ। ସୂଚନାଥାଉକି, ୧୨ ବର୍ଷ ପୂର୍ବ ପ୍ରତିଷ୍ଠିତ, ଆହ୍ୱାନ ଫାଉଣ୍ଡେସନ ବୃକ୍ଷ ରୋପଣ ଅଭିଯାନ, ଲୁଣା ଜଙ୍ଗଲ ସୁରକ୍ଷା, ଜଳବାୟୁ ପରିବର୍ତ୍ତନ ସଚେତନତା ଅଭିଯାନ ଏବଂ ପରିବେଶଗତ କର୍ମଶାଳାରେ ସକ୍ରିୟ ଭାବରେ କାର୍ଯ୍ୟ କରିଆସୁଛି। ଏହି ସଂଗଠନ ଛାତ୍ରଛାତ୍ରୀମାନଙ୍କୁ ପରିବେଶଗତ ପ୍ରସଙ୍ଗରେ ସଚେତନ କରିବା ଏବଂ ଭବିଷ୍ୟତରେ 'ପରିବେଶ ଯୋଦ୍ଧା' ଭାବରେ ପ୍ରସ୍ତୁତ କରିବା ପାଇଁ ସ୍କୁଲ ଏବଂ କଲେଜ ସହିତ ବ୍ୟାପକ ଭାବରେ କାର୍ଯ୍ୟ କରୁଅଛି। ଏଥିପାଇଁ ଏହି ସଂଗଠନ କୁ ପୂର୍ବରୁ ୨୦୧୮ ରେ ପ୍ରକୃତି ମିତ୍ର ଏବଂ ୨୦୨୨ ରେ ପ୍ରକୃତି ବନ୍ଧୁ ପୁରସ୍କାରରେ ସମ୍ମାନିତ କରାଯାଇଥିଲା କ୍ଷ ଏଥିସହ ଭାରତ ସରକାରଙ୍କ ନେହେରୁ ଯୁବ କେନ୍ଦ୍ର ଦ୍ୱାରା ଏହାକୁ ଓଡ଼ିଶାର ଶ୍ରେଷ୍ଠ ଯୁବ ସଂଗଠନ ଭାବରେ ସମ୍ମାନିତ କରାଯାଇଥିଲା । ତେବେ ପ୍ରକୃତି ବନ୍ଧୁ ଓ ପ୍ରକୃତି ମିତ୍ର ସମ୍ମାନ ପାଇବା ପରେ ଆହ୍ୱାନ ଫାଉଣ୍ଡେସନ ର ସଭାପତି ସାଗର କୁମାର ବିଶ୍ୱାଳ ରାଜ୍ୟ ସରକାରଙ୍କ ପ୍ରତି କୃତଜ୍ଞତା ପ୍ରକାଶ କରିଥିଲେ ଏବଂ ଏକ ସବୁଜ ଏବଂ ସ୍ଥାୟୀ ଭବିଷ୍ୟତ ପାଇଁ କାର୍ଯ୍ୟ କରିବା ପାଇଁ ଫାଉଣ୍ଡେସନର ପ୍ରତିବଦ୍ଧତାକୁ ଦର୍ଶାଇଥିଲେ ।




# ସଭାପତିଙ୍କ ଅଗୋଚରରେ ଅର୍ଥ ଉଠାଣ, ସାଧାରଣରେ ଅସନ୍ତୋଷ, ଭିଜିଲାନସ୍ ତଦନ୍ତ ପାଇଁ ଦାବୀ

ବେଗୁନିଆ,(ପିଏନ): ବେଗୁନିଆ ବ୍ଲକ ଅନ୍ତର୍ଗତ ପୋଢ଼ା ଡିହ ପଂଚାୟତ ଅନ୍ତର୍ଗତ କୁରାଢ଼ିଲୋ ଗ୍ରାମ -୨ ନାଳ ଓ ବରସାହି ନାଳର ରକ୍ଷଣାବେକ୍ଷଣ କରିବା ନିମନ୍ତେ ଜଳବିଭାଜିକା ଓ ମୃତ୍ତିକା ସଂରକ୍ଷଣ ବିଭାଗ ପକ୍ଷରୁ ଦୁଇ ବର୍ଷ ହେବ କାର୍ଯ୍ୟ ଚାଲୁଅଛି । ଏହି କାର୍ଯ୍ୟ ଯୋଗୁଁ ପ୍ରାକୃତିକ ଦୁର୍ବିପାକ ସମୟରେ ଜଳ ସଂରକ୍ଷଣ ଦ୍ୱାରା ବହୁ ଚାଷୀ ଉପକୃତ ହୋଇ ପାରିବେ।ପ୍ରାରମ୍ଭରୁ ଏକ କମିଟି ଗଠନ କରା ଯାଇଥିଲେ ମଧ୍ୟ ତାକୁ ଉପେକ୍ଷା ସହ ବିନା ସୂଚନା ଫଳକରେ କାର୍ଯ୍ୟ ଚାଲୁଥିବାର ଦେଖିବାକୁ ମିଳୁଅଛି। ଏହି କାର୍ଯ୍ୟର ତଦାରଖ ନିମନ୍ତେ ସ୍ଥାୟୀ କର୍ମଚାରୀଙ୍କୁ ନିଯୁକ୍ତି ପରିବର୍ତ୍ତ ? ଅବସରପ୍ରାପ୍ତ କର୍ମଚାରୀଙ୍କୁ ଦାୟିତ୍ୱ ତୁଲାଇବା ପାଇଁ ନିର୍ବିଘ୍ନରେ କୁମ୍ଭକର୍ଣ୍ଣ ଶୋଇ ଯାଇଛି। ଅପର ପକ୍ଷରେ କମିଟିର ସଭାପତିଙ୍କ ଅଜ୍ଞାତସାରରେ ଦସ୍ତଖତ ନ ଥାଇ ଅର୍ଥ କିପରି ଉଠାଣ ହୋଇଛି ତାହା ସମସ୍ତଙ୍କୁ ବିସ୍ମିତ କରିଛି ।ଏପରିକି ଦିନକୁ ଦିନ ସାଧାରଣରେ ଅସନ୍ତୋଷ ବ୍ୟାପିବାରେ ଲାଗିଥିବାରୁ ଦୁର୍ନୀତି ନିବାରଣ ବିଭାଗ ତଦନ୍ତ କରିବା ପାଇଁ ସ୍ମୃତି ରଞ୍ଜନ ପଣ୍ଡା,ପୂର୍ଣ୍ଣଚନ୍ଦ୍ର ବଳିୟାର ସିଂହ, ନିରଞ୍ଜନ ସାହୁ,କାର୍ତ୍ତିକ ଜେନା, ଛବିନ୍ଦ୍ର ଜେନା ଓ ସମାଜସେବୀ ବିଭୂତି ଭୂଷଣ ଦାଶଙ୍କ ସମେତ ବହୁ ବ୍ୟକ୍ତି ଲିଖିତ ଭାବେ ଜଣାଇଛନ୍ତି। ଏହି ଘଟଣାକୁ ନେଇ ଅବସରପ୍ରାପ୍ତ କର୍ମଚାରୀଙ୍କୁ ଯୋଗାଯୋଗରେ ସେଭଳି କିଛି ହୋଇ ନାହିଁ କହିଥିବା ବେଳେ ଉପରିସ୍ଥ ଅଧିକାରୀଙ୍କ ନିର୍ଦ୍ଦେଶରେ କାର୍ଯ୍ୟକୁ ତଦାରଖ କରିବା ସହ ନିଜର ନାମ ପ୍ରକାଶ କରିବାକୁ କୁଣ୍ଠାବୋଧ କରିଥିଲେ।



# ପ୍ରଜ୍ଞାପୀଠ ବକ୍ସି ଜଗବନ୍ଧୁ ବିଦ୍ୟାଧର ଉଚ୍ଚ ଇଂରାଜୀ ବିଦ୍ୟାଳୟର ୧୨୫ ତମ ବାର୍ଷିକ ଉତ୍ସବରେ ଅତିଥି ଭାବେ ଯୋଗ ଦେବାରେ କ'ଣ ବାଧକ ସାଜିଛି ?

ଖୋର୍ଦ୍ଧା,(ପି.ଏନ): ପ୍ରଜ୍ଞାପୀଠ ଖୋର୍ଦ୍ଧା ବକ୍ସି ଜଗବନ୍ଧୁ ବିଦ୍ୟାଧର ଉଚ୍ଚ ଇଂରାଜୀ ବିଦ୍ୟାଳୟ ଏଇ ଭିତରେ ୧୨୯ ବର୍ଷରେ ପଦାର୍ପଣ କରିବା ସହ ତାର ୧୨୫ ତମ ବାର୍ଷିକ ଉତ୍ସବ ପାଳନ କରିବାକୁ ସତମୁଖର ହୋଇ ଉଠିଥିଲା। ଝରଣା-ଶ୍ରାବଣୀ ବରୁଣେଇ ତାର ମୂକ ସାକ୍ଷୀ। ସେଇ ପାଷାଣ ମନ୍ଦିର ଗାତ୍ରରେ ଏକ ଅମୂ ଆତ୍ମାର ବିଳାସ ଚାଲିଛି, ଯାହାର ଦର୍ଶନରେ ପ୍ରତିଟି ଦର୍ଶକ ତଥା ଏହି ପ୍ରଜ୍ଞାପୀଠର ଅସଂଖ୍ୟ ଛାତ୍ର ମାନଙ୍କର ଅନ୍ତରାତ୍ମା ଉଲ୍ଲସି ହୋଇଉଠେ। ଗୋଟିଏ ମାଟିରଙ୍କ, ସ୍ୱାଭିମାନୀ ବୀର ଜାତିର ବିପ୍ଳବର ସ୍ମୃତିକୁ ସାଇତି ରଖି ଏହି ଜ୍ଞାନ ମନ୍ଦିରର ପ୍ରତିଟି ପଥର ଖଣ୍ଡ ଏବେବି କଥା କହୁଛି। ସେହି ପ୍ରଜ୍ଞାପୀଠର ୧୨୫ ତମ ଶତ ବାର୍ଷିକିର ଉତ୍ସବ ସୁଚାରୁ ରୂପେ ପାଳନ ପାଇଁ ଏହି ବିଦ୍ୟାଳୟର ପୁରାତନ ଛାତ୍ର ତଥା ପ୍ରାକ୍ତନ ଆରକ୍ଷୀ ଅଧିକ୍ଷକ ଶ୍ରୀଯୁକ୍ତ ଦେବପ୍ରସାଦ ମଜୁମଦାର ଆବାହାକ ତଥା ସଂଯୋଜନାରେ ପ୍ରତି ମାସର ଶେଷ ରବିବାରରେ ପ୍ରାକ୍ତନ ଛାତ୍ରମାନଙ୍କୁ ନେଇ ପ୍ରସ୍ତୁତି ବୈଠକ ବିଜେବି ହାଇସ୍କୁଲର ହେରିଟେଜ୍ ହଲରେ ପାଳନ କରାଯାଇ ଏହି ମହାନ ଉତ୍ସବକୁ ଓଡିଶାର ମହାମହୀମ ରାଜ୍ୟପାଳ ରଘୁବର ଦାସ ଙ୍କୁ ଉଦ୍‌ଘାଟନ କରିବାକୁ ଏକ ପ୍ରତିନିଧି ଦଳ ତାଙ୍କର ରାଜଭବନରେ ସାକ୍ଷାତ କରିଥିଲେ। ମହାମହୀମ ରାଜ୍ୟପାଳ ଏହି ଐତିହାସିକ ପ୍ରଜ୍ଞାପୀଠକୁ ଅତିଥି ଭାବେ ଯୋଗ ଦେବାପାଇଁ ନିଜର ସଦୟ ସ୍ୱୀକୃତି ପ୍ରଦାନ କରିଥିଲେ। ମାତ୍ର ଦୁଃଖ ଓ ପରିତାପର ବିଷୟ ମହାମହୀମ ନିଜର ସ୍ୱୀକୃତି ପ୍ରଦାନ କରିଥିବା ବେଳେ ଏପରି କ'ଣ ବାଧକ ସାଜିଲା ଯେ ମହାମହୀମ ରାଜ୍ୟପାଳ ତାଙ୍କର କାର୍ଯ୍ୟକାଳ ଅବଧି ସରିଗଲା ପଛେ ସେ ଅତିଥି ଭାବରେ ଯୋଗ ଦେଲେନାହିଁ ଯାହା ୪୦୦୦ ଆଲୁମୁନୀଙ୍କ ଭିତରେ ନୈରାଶ୍ୟର ଭାବ ଉଦ୍ରେକ କରିଛି। ନୂତନ ଭାବେ ଯୋଗଦାନ କରିଥିବା ମହାମହୀମ ରାଜ୍ୟପାଳ ଶ୍ରୀଯୁକ୍ତ ହରିବାବୁ କମ୍ଭମପତିଙ୍କୁ ଇତ୍ୟବସରେ ସଂଯୋଜନା କମିଟିର ଆବାହକ ପ୍ରାକ୍ତନ ଆରକ୍ଷୀ ଅଧିକ୍ଷକ ଦେବ ପ୍ରସାଦ ମଜୁମଦାର ଓ ଗଣମାଧ୍ୟମ ସଂଯୋଜକ ଉମାଶଙ୍କର ପ୍ରସାଦ ମହାମହୀମଙ୍କୁ ତାଙ୍କର ନିର୍ଦ୍ଧାରିତ ଇ.ମେଲ ଜରିଆରେ ଏହି ଐତିହ୍ୟ ସମ୍ପନ୍ନ ପ୍ରଜ୍ଞାପୀଠ କୁ ଅତିଥି ଭାବରେ ଯୋଗଦେବାପାଇଁ ଅନୁରୋଧ କରିଥିଲେ ମଧ୍ୟ ମହାମହୀମଙ୍କ କାର୍ଯ୍ୟାଳୟରୁ କୌଣସି ଉତର ନମିଳିବା ଦୁଃଖ ଓ ପରିତାପର ବିଷୟ। ଏ ସଂକ୍ରାନ୍ତରେ ମହାମହୀମଙ୍କୁ ସାକ୍ଷାତ କରି ଏହି ବିଷୟରେ ଆଲୋଚନା ପାଇଁ ମିଡିଆ ସଂଯୋଜକ ଉମାଶଙ୍କର ପ୍ରସାଦ ବିନମ୍ର ନିବେଦନ କରିଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ମହାମହୀମଙ୍କୁ ସାକ୍ଷାତ ପାଇଁ ମଧ୍ୟ କାର୍ଯ୍ୟାଳୟରୁ କୌଣସି ସମୟ ଧାର୍ଯ୍ୟ କରି ଜଣାଯାଇନାହିଁ ଯାହା ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟ।

# ଧାନ ଫସଲରେ କାଣ୍ଡ ବିନ୍ଧା ପୋକର ନିୟନ୍ତ୍ରଣ ପାଇଁ ବାୟର ପକ୍ଷରୁ 'ବିକୋଟା'ର ଶୁଭାରମ୍ଭ

କଟକ,(ପି.ଏନ) : ଏକ ବିଶ୍ୱସ୍ତରୀୟ ଉଦ୍ୟୋଗ ବାୟର ପକ୍ଷରୁ 'ବିକୋଟା'ର ଶୁଭାରମ୍ଭ ଘୋଷଣା କରାଯାଇଛି, ଏହି ନୂତନ ଉତ୍ପାଦକୁ ଧାନ ଚାଷ କରୁଥିବା କୃଷକମାନଙ୍କୁ କାଣ୍ଡ ବିନ୍ଧା ପୋକ ବା ଶାଖା କୀଟକୁ ପ୍ରଭାବୀ ରୂପେ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରିବା ପାଇଁ ପରିକଳ୍ପନା କରାଯାଇଛି। ବିକୋଟା ଏଭଳି କ୍ଷତିକାରକ କୀଟଗୁଡିକ ବିରୋଧରେ ମଜବୁତ ସୁରକ୍ଷା ପ୍ରଦାନ କରିବା ପାଇଁ ବାୟର୍‌ର ସ୍ୱତନ୍ତ୍ର ଉଦ୍ଭାବନକୁ ଏକତ୍ରିତ କରିଛି। ବିକୋଟା ଅଧିକ ଧାନ ଫସଲ କରାଯାଉଥିବା ରାଜ୍ୟ ଯେପରିକି ପାବ, ହରିଆନା, ଉତରାଖଣ୍ଡ, ପଶ୍ଚିମ ଉତର ପ୍ରଦେଶ, ପଶ୍ଚିମବଙ୍ଗ, ଛତିଶଗଡ, ମହାରାଷ୍ଟ୍ର, ଆନ୍ଧ୍ରପ୍ରଦେଶ, କର୍ଣ୍ଣାଟକ, ତାମିଲନାଡୁ ଓ ତେଲେଙ୍ଗାନା ଆଦିରେ ଜୁନ୍ ୨୦୨୫ରୁ ଉପଲବ୍ଧ ହେବ। ବିକୋଟା ଏଭଳି କୀଟଗୁଡିକର ଖାଦ୍ୟକୁ ରୋକିବା ପାଇଁ ତତ୍କାଳ କାର୍ଯ୍ୟ କରିଥାଏ ଏବଂ ଫସଲକୁ ଦୀର୍ଘସ୍ଥାୟୀ ସୁରକ୍ଷା ଦେଇଥାଏ। କେବଳ ଗୋଟିଏ ପ୍ରୟୋଗ ସହିତ କୃଷକମାନେ ବଜାରରେ ଉପଲବ୍ଧ ଅନ୍ୟ ସମାଧାନଗୁଡିତ ତୁଳନାରେ ଦୀର୍ଘ ସମୟ ପାଇଁ ଅତିରିକ୍ତ ସୁରକ୍ଷା ପାଇପାରିବେ। ଏହାବ୍ୟତୀତ ଏହା ମଜବୁତ ଚେର ଓ ଶାଖା ବିକାଶକୁ ପ୍ରୋତ୍ସାହିତ କରିଥାଏ, ଫସଲର ସାମଗ୍ରିକ ସ୍ୱାସ୍ଥ୍ୟକୁ ଉନ୍ନତ ରଖିବାରେ ସାହାଯ୍ୟ କରିଥାଏ ଏବଂ ଅଧିକ ଅମଳ ସୁନିଶ୍ଚିତ କରିବା ସହ ପରିବର୍ତ୍ତିତ ଜଳବାୟୁ ସ୍ଥିତି ମଧ୍ୟରେ କାଣ୍ଡ ବିନ୍ଧା ପୋକଗୁଡିକର ଆକ୍ରମଣକୁ ନିୟନ୍ତ୍ରଣ କରିବା ଭଳି ପ୍ରମୁଖ ଆହ୍ୱାନଗୁଡିକର ସମାଧାନ କରିଥାଏ। ଏହି ଉତ୍ପାଦର ଶୁଭାରମ୍ଭ ସମ୍ପର୍କରେ ବାୟର୍‌ର କ୍ରପ ସାଇନ୍ସ ଡିଭିଜନର ଭାରତର ମୁଖ୍ୟ ପରିଚାଳନା ଅଧିକାରୀ ମୋହନ ବାବୁ କହିଛନ୍ତି, ' ବାୟର୍ ନିଜର ଉଦ୍ଭାବନଗୁଡିକ ମାଧ୍ୟମରେ କୃଷକଙ୍କ ଜୀବନକୁ ସହଜ କରିବା ପାଇଁ ପ୍ରୟାସ କରୁଛି। ବିକୋଟା ସହିତ ଆମେ କେବଳ ଧାନ ଫସଲର କୃଷକମାନଙ୍କୁ ସେମାନଙ୍କର ଫସଲକୁ ସୁରକ୍ଷିତ ରଖିବା ପାଇଁ ସମାଧାନ ପ୍ରଦାନ କରିବାକୁ ଚାହୁଁନାହୁଁ ବରଂ ସେମାନଙ୍କର ସମୟ ଓ ଶ୍ରମ ଖର୍ଚ୍ଚକୁ ସଂଚୟ କରିବା ସହିତ ସେମାନଙ୍କର ଉତ୍ପାଦନ ଓ ଆୟ ବୃଦ୍ଧି କରିବାରେ ସାହାଯ୍ୟ କରୁଛୁ।'ବିକୋଟା ବ୍ୟବହାର ପାଇଁ ସୁରକ୍ଷିତ ଅଟେ ଏବଂ କୀଟପତଙ୍ଗଗୁଡିକୁ ଦୂର କରିବା ପାଇଁ ଉପଯୋଗୀ ଅଟେ, ଯାହା ଏହାକୁ କୃଷକଙ୍କ ପାଇଁ ଏକ ଆଦର୍ଶ ପସନ୍ଦରେ ପରିଣତ କରୁଛି ଏବଂ ଏହା ଇଂଟିଗ୍ରେଟେଡ ପେଷ୍ଟ ମ୍ୟାନେଜମେଂଟ (ଆଇପିଏମ) ଅଭ୍ୟାସଗୁଡିକ ସହ ଭଲ ଭାବରେ ମେଳ ଖାଉଛି। ଏହାର ଗ୍ରାନୁଲାର ଫର୍ମୁଲେଶନ ସହଜ ପ୍ରୟୋଗ ପାଇଁ ଅନୁମତି ଦେଇଥାଏ, ଯାହା ଏହାକୁ କୃଷକଙ୍କ ପାଇଁ ନିଜର ଚାଷ ଜମିକୁ ଶୀଘ୍ର ଆଚ୍ଛାଦିତ କରିବା ପାଇଁ ସହଜ କରିଥାଏ।

# ବର୍ଷେ ଏକ ଉପଲବ୍ଧି ଅନେକ ବୋଲି କହିଲେ ମାନ୍ୟବର ବାଣିଜ୍ୟ, ପରିବହନ, ଇସ୍ପାତ ଏବଂ ଖଣି ମନ୍ତ୍ରୀ ବିଭୂତି ଭୂଷଣ ଜେନା

ରାୟଗଡ଼ ,(ପି.ଏନ): ଶ୍ରୀଯୁକ୍ତ ବିଭୁତି ଭୂଷଣ ଜେନା, ମାନ୍ୟବର ବାଣିଜ୍ୟ ଓ ପରିବହନ, ଖଣୀ ଓ ଇସ୍ପାତ ମନ୍ତ୍ରୀ ଓଡିଶା ତଥା ଜିଲ୍ଲା ପ୍ରଭାରୀ ମନ୍ତ୍ରୀ ଦିନିକିଆ ରାୟଗଡ଼ ଜିଲ୍ଲା ଗସ୍ତରେ ଆସି ଆଜି ପହଂଚିଥିଲେ । ଜିଲ୍ଲାପାଳ ଶ୍ରୀମତୀ ପାରୁଲ ପଟାୱରୀଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ଜିଲ୍ଲା ପରିଷଦ ସମିଳନୀ କକ୍ଷରେ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟକ୍ରମ ସମୀକ୍ଷା କରିଥିଲେ । ଏହା ସହିତ ଆସନ୍ତା ଏକ ବର୍ଷ ପୂର୍ତ୍ତି ପାଳନ ଉପଲକ୍ଷେ ୧୨/୦୬/ ୨୦୨୫ରିଖ ରୁ ୧୮/୦୬/ ୨୦୨୫ରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ବିକାଶ ମେଳାର ଚୁଡାନ୍ତ କାର୍ଯ୍ୟକ୍ରମର ରୂପରେଖ ସମ୍ବନ୍ଧରେ ସମୀକ୍ଷା କରିଥିଲେ । ମାନ୍ୟବର ମନ୍ତ୍ରୀ ନିଜର ଭାଷଣରେ କହିଲେ ଯେ ସେବା ସୁଶାସନ ଓ ଗରିବ କଲ୍ୟାଣର ଅମୃତ ବର୍ଷର ଉପଲବ୍ଧିକୁ ସୁବ୍ୟବସ୍ଥିତ ଢଙ୍ଗରେ ଲୋକଙ୍କ ପାଖରେ ପହଂଚାଇବା ଏହି ମେଳରେ ମୂଳ ଉଦେଶ୍ୟ । ରାଜ୍ୟର ପ୍ରତ୍ୟେକ ଜିଲ୍ଲା ସଦର ମହକୁମାରେ ବିକାଶ ମେଳା କରାଯିବ ଏବଂ ରାଜ୍ୟର ପ୍ରମୁଖ ଜିଲ୍ଲା ମାନଙ୍କରେ କୃଷକ ମେଳା, ନାରୀଶକ୍ତି, ଯୁବଶକ୍ତି ଓ ଆଦିବାସୀ ଶକ୍ତି ସମାବେଶ କରାଯିବ ବୋଲି ମାନ୍ୟବର ମନ୍ତ୍ରୀ କହିଥିଲେ ।



ଦଳଗତ ନିର୍ବିଶେଷରେ ସମସ୍ତଙ୍କୁ ସାମିଲ କରାଯିବ। ଏକ ବର୍ଷ ଭିତରେ ସରକାରଙ୍କ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟକ୍ରମ ଉପରେ ପ୍ରଦର୍ଶନୀ ମଣ୍ଡପ ମାଧ୍ୟମରେ ଲୋକଙ୍କୁ ପ୍ରଦର୍ଶିତ କରାଯିବ । ସ୍ଥାନୀୟ ଗୋବିନ୍ଦ ଚନ୍ଦ୍ର ଉଚ୍ଚ ବିଦ୍ୟାଳୟ ପଡିଆ ଠାରେ ଏହି ବିକାଶ ମେଳା ଆୟୋଜନ କରାଯିବ। ଏହା ସହିତ ପାରମ୍ପରିକ ଖାଦ୍ୟ ମେଳା, ମୋ ସ୍ୱପ୍ନରେ ଓଡିଶା- ୨୦୩୬ ଓ ମୋ ସ୍ୱପ୍ନରେ ଭାରତ -୨୦୪୭ ବିଷୟରେ ପ୍ରବନ୍ଧ ଓ ଚିତ୍ରକାଳା ପ୍ରତିଯୋଗିତା ଅନୁଷ୍ଠିତ ହେବ ଏବଂ କୃତୀ ପ୍ରତିଯୋଗି ମାନଙ୍କୁ ଏହି ମେଳରେ ପୁରସ୍କୃତ କରାଯିବ । ସରକାରଙ୍କ ସଫଳ କାହାଣୀର ଦୈନିକ ଦୃଶ୍ୟ ଶ୍ରାବ୍ୟ ମାଧ୍ୟମରେ ପ୍ରଦର୍ଶିତ କରାଯିବ। ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ହାସଲ କରିଥିବା ବ୍ୟକ୍ତି ବିଶେଷ, ଛାତ୍ର ଛାତ୍ରୀଙ୍କୁ ସମ୍ମାନିତ କରାଯିବ । ଜିଲ୍ଲା ସଂସ୍କୃତି ପରିଷଦ ତରଫରୁ ନୈନିକ ସନ୍ଧ୍ୟା ସମୟରେ ସଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ । ମାନ୍ୟବର ମନ୍ତ୍ରୀ ଓ ଅତିଥି ମାନଙ୍କ ଦ୍ୱାରା ପ୍ରକଳ୍ପର ଉଦଘାଟନ ଓ ଶିଳାନ୍ୟାସ କରାଯିବ । କ୍ରୀଡା ମାଧ୍ୟମରେ ଯୁବ ଗୋଷ୍ଠୀକୁ ସାମିଲ କରାଯିବ । ଏହା ବ୍ୟତୀତ ବିଭିନ୍ନ ବ୍ଲକରେ ବିକାଶ ବାହାନା ମାଧ୍ୟମରେ ଏକ ବର୍ଷର ଉପଲବ୍ଧି ଲୋକଙ୍କୁ ଜଣାଇଦିଆଯିବ । ସ୍ଥାନେ ସ୍ଥାନେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଇ ଉତ୍ସବ ମୁଖର କରାଯିବ । ଏହି କାର୍ଯ୍ୟକ୍ରମରେ ବିଭିନ୍ନ କ୍ଷେତ୍ରର ଲୋକମାନଙ୍କୁ ବିଶେଷ କରି ମାନ୍ୟଗଣ୍ୟ,ବୁଦ୍ଧି ଯିବି, ଗଣମାଧ୍ୟମ,ଯୁବ ସମାଜ, ବିଭିନ୍ନ ସଂଘଠନର ଲୋକଙ୍କୁ ନେଇ ଆଲୋଚନା ଚକ୍ର ଓ କର୍ମଶାଳା ଆୟୋଜନ କରିବାକୁ ମାନ୍ୟବର ମନ୍ତ୍ରୀ କହିଥିଲେ । ଏହା ସହିତ ବିଭିନ୍ନ କ୍ଷତ୍ରରେ ହିତାଧିକାରୀଙ୍କୁ ସୁବିଧା ପ୍ରଦାନ କରାଯିବାକୁ ମାନ୍ୟବର ମନ୍ତ୍ରୀ କହିଥିଲେ । ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନବୀନ ଚନ୍ଦ୍ର ନାୟକ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ, ଶ୍ରୀ ଅକ୍ଷୟ କୁମାର ଖେମୁଣ୍ଡୁ, ଉପଜିଲ୍ଲାପାଳ ରାୟଗଡ଼ ଶ୍ରୀ ରମେଶ କୁମାର ଜେନା, ପ୍ରକଳ୍ପ ପ୍ରଶାସକ ସାମ୍ନିନିତ ଆଦିବାସୀ ଉନ୍ନୟନ ସଂସ୍ଥା ଗୁଣୁପୁର ଶ୍ରୀ ଅଜୟ କୁମାର ପ୍ରଧାନ ଓ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀ ମାନେ ଯୋଗଦେଇଥିଲେ ।




Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray